## ଆଇସିସି ଟେଷ୍ଟ ର୍ୟାଙ୍କିଂ
### ବୁମ୍ରାଙ୍କୁ କ୍ୟାରିୟରର ଶ୍ରେଷ୍ଠ ରେଟିଂ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

[ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୪୧ ● ୯ ଜାନୁଆରୀ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-341 ● 9th January 2025, Thursday ● Bhubaneswar | Licensed to post without pre-payment of postage No- BN-60/25-27



DADLS-80

१८वां प्रवासी भारतीय दिवस
18TH PRAVASI BHARATIYA DIVAS
8th-10th January 2025

विकसित भारत की संकल्पना में प्रवासी भारतीयों का योगदान
DIASPORA'S CONTRIBUTION TO A VIKSIT BHARAT

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର



## ଐତିହ୍ୟ ପ୍ରେରିତ ଯୁବଶକ୍ତି ସମ୍ପନ୍ନ ପ୍ରବାସୀ ଭାରତୀୟଙ୍କ ଗୌରବମୟ ସାଫଲ୍ୟର ସମାରୋହ

### ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ
ଏବଂ
### ପ୍ରସଙ୍ଗ ଆଧାରିତ ପ୍ରଦର୍ଶନୀ

**ବିଶେଷ କାର୍ଯ୍ୟକ୍ରମ**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରବାସୀ ଭାରତୀୟ ଏକ୍ସପ୍ରେସର ରିମୋଟ୍ ମାଧ୍ୟମରେ ଶୁଭାରମ୍ଭ ଏବଂ ପ୍ରମୋସନାଲ ଷ୍ଟଲ୍ ପରିଦର୍ଶନ

**ପ୍ରଦର୍ଶନୀ**

- ବିଶ୍ୱରୂପ ରାମ : ରାମାୟଣର ସାର୍ବଜନୀନତା
- ପ୍ରଯୁକ୍ତି ଜ୍ଞାନକୌଶଳ କ୍ଷେତ୍ରରେ ପ୍ରବାସୀଙ୍କ ଅବଦାନ
- ଓମାନ ସଂଗ୍ରହର ପ୍ରଦର୍ଶନ - ଭାରତ ଭାରତୀୟ: ସ୍ୱଦେଶ ପରଦେଶ- ଐତିହ୍ୟର ଅଭିଲେଖ ଆଧାରିତ ପ୍ରଦର୍ଶନୀ

**ଶୁଭ ଉଦ୍‌ଘାଟନ**

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

**ମୁଖ୍ୟ ଅତିଥି**

**ଶ୍ରୀମତୀ ଖ୍ରୀଷ୍ଟିନ୍ କାର୍ଲା କାଙ୍ଗାଲୁ**
ମହାମହିମ ରାଷ୍ଟ୍ରପତି, ତ୍ରିନିଦାଦ ଏବଂ ଟୋବାଗୋ ଗଣରାଜ୍ୟ

**ଗରିମାମୟ ଉପସ୍ଥିତି**

**ଡ. ହରି ବାବୁ କମ୍ଭମ୍ପତି** – ରାଜ୍ୟପାଳ, ଓଡ଼ିଶା
**ଶ୍ରୀ ମୋହନ ଚରଣ ମାଝୀ** – ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଡ. ଏସ୍. ଜୟଶଙ୍କର** – କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ** – କେନ୍ଦ୍ରମନ୍ତ୍ରୀ
**ଶ୍ରୀ ପ୍ରହ୍ଲାଦ ଯୋଶୀ** – କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଜୁଏଲ ଓରାମ** – କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଅଶ୍ୱିନୀ ବୈଷ୍ଣବ** – କେନ୍ଦ୍ରମନ୍ତ୍ରୀ
**ଡ. ମନସୁଖ ମାଣ୍ଡବ୍ୟ** – କେନ୍ଦ୍ରମନ୍ତ୍ରୀ
**ସୁଶ୍ରୀ ଶୋଭା କାରାନ୍ଦଲାଜେ** – କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ** – କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ ପବିତ୍ର ମାର୍ଗେରିଟା** – କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ** – ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଶ୍ରୀମତୀ ପ୍ରଭାତୀ ପରିଡ଼ା** – ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା



**୯ ଜାନୁଆରୀ, ୨୦୨୫ | ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା**
ଅତିଥି ଏବଂ ପ୍ରତିନିଧିମଣ୍ଡଳୀଙ୍କୁ ସକାଳ ୮.୩୦ ସୁଦ୍ଧା ଆସନ ଗ୍ରହଣ କରିବାକୁ ଅନୁରୋଧ

ଅତିଥି ଦେବୋ ଭବ

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ

OIPR : 15001/13/0358/2425

ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

୬ ସମସ୍ତ ପ୍ରକାର ଫର୍ମାଟରୁ ଅବସର ଘୋଷଣା କଲେ ମାର୍ଟିନ ଗୁପ୍ଟିଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୩୪୧ ● ୯ ଜାନୁଆରୀ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-341 ● 9th January 2025, Thursday ● Bhubaneswar
Licensed to post without pre-payment of postage No- BN-60/25-27

## ଶୁଭାରମ୍ଭ ହେଲା ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ

# ଓଡ଼ିଶାରେ ପୁଞ୍ଜି ବିନିଯୋଗର ଅପାର ସମ୍ଭାବନା : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**

ବୁଧବାର ଭୁବନେଶ୍ୱର ଜନତା ମଇଦାନରେ ଶୁଭାରମ୍ଭ ହୋଇଛି ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ । ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ସମ୍ମିଳନୀର ପ୍ରଥମ ଦିନରେ ପ୍ରବାସୀ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟ ଶଙ୍କର, ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ।
ଏହି ଅବସରରେ ଓଡ଼ିଶାର ପୁଞ୍ଜି ବିନିଯୋଗ ସମ୍ଭାବନା ବିଷୟ ଉଲ୍ଲେଖ କରିଥିଲେ । ମୁଖ୍ୟମନ୍ତ୍ରୀ ଭାରତୀୟ ଏବଂ ଓଡ଼ିଆ ପ୍ରବାସୀ ବ୍ୟବସାୟ ଜଗତର ଗୁରୁତ୍ୱପୂର୍ଣ୍ଣ ନେତାମାନଙ୍କୁ ସ୍ୱାଗତ କରିଥିଲେ ।
ମୁଖ୍ୟମନ୍ତ୍ରୀ ଓଡିଶାର ସାଂସ୍କୃତିକ ଓ ଐତିହାସିକ ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ଓଡିଶା 'ପ୍ରଭୁ ଜଗନ୍ନାଥଙ୍କ ଭୂମି' ବୋଲି ପରିଚିତ । ସେ କହିଥିଲେ ଯେ ଏହି ରାଜ୍ୟ କଳା, ସଂସ୍କୃତି ଓ ବାସ୍ତୁକଳାର ପାଇଁ ବିଶ୍ୱବ୍ୟାପୀ ଖ୍ୟାତ । ଏବେ ଏହା 'ଭାରତର (ପୃଷ୍ଠା ୭ରେ)

## ପହଞ୍ଚିଲେ ପ୍ରଧାନମନ୍ତ୍ରୀ : ଆଜି ଉଦ୍‌ଘାଟନ କରିବେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ

**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାର ରାତିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏଠାରେ ପହଞ୍ଚିଲା ପରେ ରାଜ୍ୟ ସରକାରଙ୍କ ତରଫରୁ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ରାଜ୍ୟପାଳ ହରିବାବୁ କମ୍ଭମ୍ପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବିମାନବନ୍ଦର ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।
ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଥିବା ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଓଡ଼ିଶାରେ ପହଞ୍ଚିଛନ୍ତି ।
ବିଶାଖାପାଟଣାରେ ଏନଟିପିସିର ଅତ୍ୟାଧୁନିକ ଗ୍ରୀନ ହାଇଡ୍ରୋଜେନ ହବ୍ ପ୍ରକଳ୍ପର ଶିଳାନ୍ୟାସ କରିବା ପରେ ସେଠାରୁ ଭୁବନେଶ୍ୱର ଆସି ପହଞ୍ଚିଛନ୍ତି । ବୁଧବାର ପ୍ରଧାନମନ୍ତ୍ରୀ ରାଜଭବନରେ ରାତ୍ରି ଯାପନ କରିବେ । ଗୁରୁବାର ସକାଳେ ପ୍ରଧାନମନ୍ତ୍ରୀ ଜନତା ମୈଦାନରେ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ସକାଳ ୧୦ଟାରୁ ସାଢେ ୧୧ଟା ଯାଏ ପ୍ରଧାନମନ୍ତ୍ରୀ ଜନତା ମୈଦାନରେ ରହିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ ଫେରିଯିବେ ।
ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଓଡ଼ିଶାର କଳାକାରମାନେ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ । ବିମାନବନ୍ଦର ସମ୍ମୁଖ, କ୍ୟାପିଟାଲ ହସ୍ପିଟାଲ ସାମ୍ନା, ଏଜି ଛକ ଓ ରାଜଭବନ ଆଗରେ ଓଡ଼ିଶାର ସାଂସ୍କୃତିକ ତଥା ପାରମ୍ପରିକ ଆଦିବାସୀ, ସମ୍ବଲପୁରୀ ନୃତ୍ୟ ଓ ବାଦ୍ୟ ସହିତ କଳାକାରମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିଥିଲେ । ସେହିପରି ବିମାନବନ୍ଦର ଠାରୁ ରାଜଭବନ ପର୍ଯ୍ୟନ୍ତ ମୋଦିଙ୍କ ଯିବା ରାସ୍ତାରେ ସମର୍ଥକଙ୍କର ଭିଡ଼ ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ନିଜର ସମର୍ଥକମାନଙ୍କୁ ନିରାଶ କରିନଥିଲେ । ସମର୍ଥକଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ମୋଦି ବିମାନବନ୍ଦରରୁ ସିଧାସଳଖ ରାଜଭବନ ଯାଇ ସେଠାରେ ରାତ୍ରିଯାପନ କରିଛନ୍ତି ।
ପ୍ରଧାନମନ୍ତ୍ରୀ ମୋଦି ସ୍ଥାନୀୟ ଜନତା ମଇଦାନରେ ଆରମ୍ଭ (ପୃଷ୍ଠା ୭ରେ)

## ଭି. ନାରାୟଣନ ଇସ୍ରୋର ନୂଆ ଅଧ୍ୟକ୍ଷ



**ନୂଆଦିଲ୍ଲୀ, ୮/୧**

ଭି ନାରାୟଣନ ହେବେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋର ନୂଆ ଅଧ୍ୟକ୍ଷ । ଇସ୍ରୋ ଅଧ୍ୟକ୍ଷ ତଥା ଅନ୍ତରୀକ୍ଷ ବିଭାଗ ସଚିବ ଭାବେ ତାଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିଛନ୍ତି । ଆସନ୍ତା ୧୪ ତାରିଖରେ ସେ ଇସ୍ରୋର ବର୍ତ୍ତମାନ ଅଧ୍ୟକ୍ଷ ଏସ୍. ସୋମନାଥଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ । କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ (ପୃଷ୍ଠା ୭ରେ)

## ସାତ ମାସରେ ୨ ଲକ୍ଷ ୪୦ ହଜାର କୋଟିର ପୁଞ୍ଜିନିବେଶ ହୋଇଛି: ଶିଳ୍ପ ମନ୍ତ୍ରୀ

**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**



ଓଡ଼ିଶାରେ ବିଜେପି ସରକାର ଆସିବାର ସାତ ମାସରେ ୨ ଲକ୍ଷ ୪୦ ହଜାର କୋଟିର ପୁଞ୍ଜିନିବେଶ ହୋଇଛି ଏବଂ ଲକ୍ଷେ ୮୧ ହଜାର ନିଯୁକ୍ତି ସୃଷ୍ଟି ହୋଇଛି ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି । ଏହାଛଡ଼ା ନୂଆ ସରକାରରେ ୧୩୪ଟି ବଡ଼ ବଡ଼ ଶିଳ୍ପାନୁଷ୍ଠାନକୁ ଅନୁମତି ମିଳିଛି ବୋଲି ସେ ସୂଚନା ଦେଇଛନ୍ତି ।
ଚଣ୍ଡିଖୋଲଠାରେ ବହୁ ପ୍ରତୀକ୍ଷିତ ଅଶୋଧିତ ପେଟ୍ରୋଲିୟମ ପ୍ଲାଣ୍ଟକୁ ଅନୁମତି ମିଳିଛି । ପୂର୍ବରୁ ଷ୍ଟିଲ ଓ ମେଟାଲ ଶିଳ୍ପ ପ୍ରତିଷ୍ଠା ହେଉଥିବା ବେଳେ ଏବେ ନିଯୁକ୍ତିଭିତ୍ତିକ ଶିଳ୍ପ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଯେଉଁ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ଟେକ୍ସଟାଇଲ, ଗ୍ରୀନ ଏନର୍ଜି, ଗ୍ରୀନ ଆମୋନିଆ ଭଳି ଶିଳ୍ପ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଯେଉଁ ଜିଲ୍ଲାରେ ଶିଳ୍ପ ନଥିଲା ସେହିସବୁ ଜିଲ୍ଲାଗୁଡ଼ିକୁ ଫୋକସ କରାଯାଉଛି ।
ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି , ହାଇଲେଭୁଲ କ୍ଲିୟାରନ୍ସ କମିଟିରେ ୪୫ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ୨୩ ହଜାର ନିଯୁକ୍ତି ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା । ଚଣ୍ଡିଖୋଲଠାରେ ବହୁ ପ୍ରତୀକ୍ଷିତ ଅଶୋଧିତ ପେଟ୍ରୋଲିୟମ ପ୍ଲାଣ୍ଟକୁ ଅନୁମତି ମିଳିଛି । ନୂଆ ସରକାର ଆସିବା ପରେ ଏଯାଏଁ ରାଜ୍ୟରେ ସମୁଦାୟ ୨ ଲକ୍ଷ ୪୦ ହଜାର କୋଟିର ନିବେଶ ହୋଇଛି । ଏହାଦ୍ୱାରା ୧ ଲକ୍ଷ ୮୧ ହଜାର ନିଯୁକ୍ତି ସୃଷ୍ଟି ହୋଇଛି । ନୂଆ ସରକାର ୧୩୪ଟି ବଡ଼ ବଡ଼ ଶିଳ୍ପାନୁଷ୍ଠାନକୁ ଅନୁମତି ଦେଇଛନ୍ତି । ପୂର୍ବରୁ ଷ୍ଟିଲ ଓ ମେଟାଲ ଶିଳ୍ପ ପ୍ରତିଷ୍ଠା ହେଉଥିବା ବେଳେ ଏବେ ନିଯୁକ୍ତିଭିତ୍ତିକ ଶିଳ୍ପ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଯେଉଁ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ଟେକ୍ସଟାଇଲ, ଗ୍ରୀନ ଏନର୍ଜି, ଗ୍ରୀନ ଆମୋନିଆ ଭଳି ଶିଳ୍ପ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଯେଉଁ ଜିଲ୍ଲାରେ ଶିଳ୍ପ ନଥିଲା ସେହିସବୁ ଜିଲ୍ଲାଗୁଡ଼ିକୁ ଫୋକସ କରାଯାଉଛି ।

## ସଡ଼କ ଦୁର୍ଘଟଣା : ପୀଡ଼ିତଙ୍କୁ ମିଳିବ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା



**ନୂଆଦିଲ୍ଲୀ, ୮/୧**

ସଡ଼କ ଦୁର୍ଘଟଣାର ଶିକାର ହେଲେ ଏଣିକି ଆହତମାନଙ୍କୁ ମିଳିବ ମାଗଣା ଚିକିତ୍ସା । ନିଜେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ବଡ଼ ଘୋଷଣା କରିଛନ୍ତି । ସାରା ଦେଶରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ କ୍ୟାସଲେସ୍ ଚିକିତ୍ସା ପାଇଁ ମାର୍ଚ୍ଚ ମାସ ସୁଦ୍ଧା ସରକାର ସଂଶୋଧିତ ଯୋଜନା ଆଣିବେ ବୋଲି କହିଛନ୍ତି ଗଡ଼କରୀ ।
ଏହି ଯୋଜନା ଅଧିନରେ ସଡ଼କ ଦୁର୍ଘଟଣାର ଶିକାର ହେଉଥିବା ପ୍ରତି ବ୍ୟକ୍ତିଙ୍କ ପାଇଁ ଦୁର୍ଘଟଣା ଘଟିବାର ସର୍ବାଧିକ ୭ ଦିନ ପର୍ଯ୍ୟନ୍ତ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ କେନ୍ଦ୍ର ସରକାର । ସମସ୍ତ ବର୍ଗର ରାସ୍ତାରେ ମୋଟର ଯାନ ଦ୍ୱାରା ଘଟୁଥିବା ସମସ୍ତ ସଡ଼କ ଦୁର୍ଘଟଣାରେ ଏହି ଯୋଜନା ପ୍ରଯୁଜ୍ୟ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ପୁଲିସ, ଡାକ୍ତରଖାନା ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସମନ୍ୱୟରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏହି ଯୋଜନାର କାର୍ଯ୍ୟକାରୀ କରିବ । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଇ-ଡିଟେଲ୍ଡ ଆକ୍ସିଡେଣ୍ଟ ରିପୋର୍ଟ ଜରିଆରେ ଏକ ଆଇଟି ପ୍ଲାଟଫର୍ମ ମାଧ୍ୟମରେ ଏକ ଆପ୍ଲିକେଶନ ଚାଲିବ । ପୀଡ଼ିତମାନେ କିମ୍ବା ସେମାନଙ୍କ ସଂପର୍କୀୟ ପୀଡ଼ତଙ୍କ ଦୁର୍ଘଟଣା ପରେ ଏହି ଆପ୍ ଜରିଆରେ ପଞ୍ଜିକରଣ କରିବେ । ଦୁର୍ଘଟଣା ଘଟିଥିବା ଦିନ ଠାରୁ ସର୍ବାଧିକ ୭ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ପୀଡ଼ିତ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇବେ । ତେବେ ମାର୍ଚ୍ଚ ୧୪ରେ ଚଣ୍ଡିଗଡ଼ରେ ପରୀକ୍ଷାମୂଳକ ଭାବେ ଏହି ଯୋଜନାକୁ ଆରମ୍ଭ କରାଯିବ । (ପୃଷ୍ଠା ୭ରେ)

## ଶୀତ ସାଙ୍ଗକୁ କଲବଲ କରିବ କୁହୁଡି !

**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**

ଶୀତ ସାଙ୍ଗକୁ କଲବଲ କରିବ କୁହୁଡି ! ଆଗାମୀ ୩ ଦିନ ଯାଏଁ ରାଜ୍ୟର କେତେକ ଜିଲ୍ଲାରେ କୁହୁଡ଼ି ହୋଇପାରେ । ସେହି ସମୟରେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି । ଗୁରୁବାର କେନ୍ଦୁଝର, ଝାରସୁଗୁଡ଼ା, କଳାହାଣ୍ଡି, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡି ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶୁକ୍ରବାର ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, ରାୟଗଡ଼ା ଓ ଝାରସୁଗୁଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି । ସେହିପରି ଶନିବାର ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ କୁହୁଡିହେବାର ସମ୍ଭାବନା ରହିଛି । ସେଥିପାଇଁ ଭୁବନେଶ୍ୱର ପାଣିପାଗକେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

## ଜିଲ୍ଲା କୋର୍ଟର ଜଜ୍‌ଙ୍କ ଦରମା ଏବଂ ପେନସନକୁ ନେଇ ସରକାରଙ୍କ ମନୋଭାବ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ



**ନୂଆଦିଲ୍ଲୀ, ୮/୧**

ବିଦ୍ୟୁତ ଫ୍ରି, ପାଣି ଫ୍ରି । ମାଗଣା ଶିକ୍ଷା ସହ ଏବେ ପ୍ରତି ମାସରେ ଫ୍ରିରେ ଟଙ୍କା ବାଣ୍ଟିବା ପରମ୍ପରା ମଧ୍ୟ ବଢ଼ିଲାଣି । ଏଭଳି ମାଳ ମାଳ ମାଗଣା ଯୋଜନା ଜାରି ରହିଛି । ଏହା କେବଳ ଗୋଟିଏ ରାଜ୍ୟର ନୁହେଁ, ଦେଶର ଅନେକ ରାଜ୍ୟ ଏହି ଫ୍ରି ରାବିଡି କଲଚର ବଜାୟ ରଖିଛନ୍ତି । ଯାହା ସେମାନଙ୍କୁ ନିର୍ବାଚନରେ ମଧ୍ୟ ଲାଭ ଦିଏ । ଏବେ ଏହି ରାବିଡ଼ି କଲଚରକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ ।
ଜିଲ୍ଲା କୋର୍ଟର ଜଜ୍‌ଙ୍କ ଦରମା ଏବଂ ପେନସନକୁ ନେଇ ସରକାରଙ୍କ ମନୋଭାବ ସୁପ୍ରିମକୋର୍ଟଙ୍କୁ ନିରାଶ କରିଛି । ସମସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ମାଗଣାରେ ବଣ୍ଟା ଯାଉଥିବା ଟଙ୍କା ଓ ମାଗଣା ଯୋଜନାକୁ ଦର୍ଶାଇ କୋର୍ଟ କହିଛନ୍ତି, ଯେଉଁମାନେ କିଛି କାମ କରୁ ନାହାନ୍ତି ସେମାନଙ୍କ ପାଇଁ ସରକାରଙ୍କ ଟଙ୍କା ଅଛି । ହେଲେ ବିଚାରପତିଙ୍କ ଦରମା ଏବଂ ପେନସନ କଥା ଉଠିଲେ ଆର୍ଥିକ ସମସ୍ୟା ଦେଖାଦେଉଛି ।
ଅଲ ଇଣ୍ଡିଆ ଜଜ ଆସୋସିଏସନ ନାମକ ଏକ ସଂଗଠନ ଦ୍ୱାରା ୨୦୧୫ରେ ଦାଖଲ ହୋଇଥିବା ଆବେଦନ ଶୁଣାଣି କରି ସୁପ୍ରିମକୋର୍ଟର ଜଷ୍ଟିସ ବି.ଆର ଗୋବାଇଙ୍କ ନେତୃତ୍ୱରେ ଗଠିତ ବେଞ୍ଚ ଏହା କହିଛନ୍ତି । କୋର୍ଟ କହିଛନ୍ତି, ନିର୍ବାଚନ ଆସିବା ମାତ୍ରେ 'ଲାଡଲି ବେହେନ' ଭଳି ଯୋଜନା ଘୋଷଣା ହେଉଛି, ଯେଉଁଠାରେ ସରକାର ହିତାଧିକାରୀଙ୍କୁ ପ୍ରତିମାସରେ ୨୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ ଜଜ୍‌ଙ୍କ ଦରମା ଓ ପେନସନ୍ କଥା ଆସିଲେ ସରକାର ଆର୍ଥିକ ସମସ୍ୟା ବାହାନା (ପୃଷ୍ଠା ୭ରେ)

## କର୍ଣ୍ଣାଟକ, ତାମିଲନାଡୁ ପରେ ମୁମ୍ବାଇରେ ଆତଙ୍କ ଖେଳାଇଲା ଏଚ୍‌ଏମ୍‌ପିଭି



**ନୂଆଦିଲ୍ଲୀ, ୮।୧**

ଚାଇନା ପରେ ହ୍ୟୁମାନ ମେଟାନ୍ୟୁମୋ ଭାଇରସ (ଏଚ୍‌ଏମ୍‌ପିଭି) ବର୍ତ୍ତମାନ ଭାରତରେ ପଶିଛି । ଯାହାକୁ ନେଇ ସାରା ଦେଶରେ ଏବେ ଆତଙ୍କ ଖେଳିଯାଇଛି । କର୍ଣ୍ଣାଟକ, ତାମିଲନାଡୁ ପରେ ଏବେ ମୁମ୍ବାଇରେ ଏକ ନୂଆ ମାମଲା ଦେଖିବାକୁ ମିଳିଛି । ମୁମ୍ବାଇର ପୋୱାଇର ହିରାନନ୍ଦାନୀ ଡାକ୍ତରଖାନାର ଜଣେ ୬ମାସର ଶିଶୁଠାରେ ଏଚଏମପିଭି ମାମଲା ଦେଖାଦେଇଛି । ତେବେ ଏହି ଭୂତାଣୁ ଏବେ ଭାରତରେ ୮ଜଣଙ୍କୁ ସଂକ୍ରମିତ କରିଛି । ବେଙ୍ଗାଲୁରୁ, ନାଗପୁର ଏବଂ ତାମିଲନାଡୁରେ ଦୁଇଟି ମାମଲା ଏବଂ ଅହମ୍ମଦାବାଦ ଏବଂ ମୁମ୍ବାଇରେ ଗୋଟିଏ ମାମଲା ରୁଜୁ ହୋଇଛି ।
ଚାଇନାରେ ଏହି ଭୂତାଣୁ ସଂକ୍ରମଣ ସହ ଜଡ଼ିତ ମାମଲା ବୃଦ୍ଧି ହେତୁ ଭାରତୀୟମାନେ ମଧ୍ୟ ଭୟଭୀତ ହେବାକୁ ଲାଗିଛନ୍ତି । କିଛି ଲୋକ ଏହି ରୋଗକୁ କୋଭିଡ -୧୯ ସହିତ ତୁଳନା କରିବା ଆରମ୍ଭ କରିଛନ୍ତି । ଏହାକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି ଯେ ଏଚ୍‌ଏମ୍‌ପିଭି ଏକ ନୂଆ ଭୂତାଣୁ ନୁହେଁ । ମୁମ୍ବାଇରେ ଚିହ୍ନଟ ହୋଇଥିବା ୬ମାସର ଝିଅଟି ଜାନୁଆରୀ ୧ରେ, କାଶ, ଛାତି ଟାଣିବା ଏବଂ ଅମ୍ଳଜାନ ସ୍ତର ୮୪ ପ୍ରତିଶତକୁ ଖସିଯିବା କାରଣରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଟେଷ୍ଟ ପରେ ଜଣାପଡିଥିଲା କି ଝିଅଟି ଏଚ୍‌ଏମ୍‌ପିଭି ଦ୍ୱାରା ସଂକ୍ରମିତ ।
ଏଚ୍‌ଏମ୍‌ପିଭି ହେଉଛି (ପୃଷ୍ଠା ୭ରେ)

## ରାଜ୍ୟରେ ବିକାଶଧାରାକୁ ସଜାଡିବାକୁ ମୋଦିଙ୍କ ପ୍ରୟାସ : ଆଇନ ମନ୍ତ୍ରୀ



**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**

ବିକାଶକୁ ଠିକ୍ ଟ୍ରାକରେ ଚଳେଇବା ପାଇଁ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ହାତ ଧରି ନେଉଛନ୍ତି ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେଥିପାଇଁ ଓଡିଶାକୁ ବାରମ୍ବାର ଆସୁଛନ୍ତି ମୋଦି । ନେତା ଓ କର୍ମୀ ତ ଉତ୍ସାହିତ କିନ୍ତୁ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକ ଦେଶ ଏକ ନିର୍ବାଚନ: ଜେପିସି ବୈଠକରେ ୧୮ହଜାର ପୃଷ୍ଠାର ତଥ୍ୟ ଉପସ୍ଥାପିତ



**ନୂଆଦିଲ୍ଲୀ, ୮/୧**

ଏକ ଦେଶ ଏକ ନିର୍ବାଚନ ନେଇ ମିଳିତ ସଂସଦୀୟ କମିଟି (ଜେପିସି)ର ପ୍ରଥମ ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଭାରତୀୟ ଜନତା ପାର୍ଟି ସାଂସଦ ପିପି ଚୌଧୁରୀ ଅଧ୍ୟକ୍ଷତା କରିଥିଲେ । ଏହି ସମୟରେ ଆଇନ ମନ୍ତ୍ରଣାଳୟ ପ୍ରାୟ ୧୮ହଜାର ପୃଷ୍ଠାର ତଥ୍ୟ ଉପସ୍ଥାପନା କରିଥିଲା । ବିରୋଧୀମାନେ ଏହି ବିଲକୁ ବିରୋଧ କରିଥିଲେ । ଉପସ୍ଥାପନା ପରେ ବିରୋଧୀ ସାଂସଦମାନେ ନିଜର ମତ ରଖିଥିଲେ । ସମାଜବାଦି ପାର୍ଟିର ସାଂସଦ ଧର୍ମେନ୍ଦ୍ର ଯାଦବ ଏହି ବିଲ୍ ସମ୍ବିଧାନର ଆତ୍ମା ବିରୁଦ୍ଧ ବୋଲି କହିଛନ୍ତି । ସେ କହିଛନ୍ତି ଯେ, ଆଞ୍ଚଳିକ ଦଳଗୁଡ଼ିକୁ ହଟାଇବା ପାଇଁ ସରକାର ଷଡଯନ୍ତ୍ର କରୁଛନ୍ତି । ତୃଣମୂଳ କଂଗ୍ରେସ ନେତା କଲ୍ୟାଣ ବାନାର୍ଜୀ ପ୍ରଶ୍ନ କରିଛନ୍ତି ଯେ, ଖର୍ଚ୍ଚ ହ୍ରାସ କରିବା ଆବଶ୍ୟକ ନା ଲୋକଙ୍କ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଆବଶ୍ୟକ ?
କଂଗ୍ରେସ ନେତା ମନୀଷ ତିୱାରୀ ଏବଂ ମୁକୁଲ ୱାସନିକ ମଧ୍ୟ ଏହି ବିଲକୁ ବିରୋଧ କରି ଏହାକୁ ସମ୍ବିଧାନର ମୌଳିକ ଗଠନ ବିରୁଦ୍ଧ ବୋଲି କହିଛନ୍ତି । ଜେପିସି ବୈଠକରେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟ ଦ୍ୱାରା ଏକ ଦେଶ ଏକ ନିର୍ବାଚନ ବିଲ୍ ଉପରେ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା । ଏହା ପରେ ପ୍ରଥମେ ବିଜେପି (ପୃଷ୍ଠା ୭ରେ)

## ରସୁଲଗଡରେ ଯୁବକଙ୍କୁ ହତ୍ୟା: ମହିଳା ସମେତ ୩ ଅଭିଯୁକ୍ତ ନୟାଗଡ଼ରୁ ଗିରଫ



**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ରସୁଲଗଡ଼ ଓଭରବ୍ରିଜ୍ ନିକଟରେ ବୁଧବାର ସକାଳୁ ବହୁଚର୍ଚ୍ଚିତ ସହଦେବ ନାୟକ ହତ୍ୟା ଘଟଣାରେ କମିଶନରେଟ୍ ପୁଲିସର ସ୍ୱତନ୍ତ୍ର ଟିମ୍ ତିନି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୁଲିସ ଜଣେ ମହିଳା ସମେତ ୩ ଅଭିଯୁକ୍ତଙ୍କୁ ନୟାଗଡ଼ ଜିଲ୍ଲା ଶରଣକୁଳରୁ ବୁଧବାର ସନ୍ଧ୍ୟାରେ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ କେଦାରପଲ୍ଲୀ ନିବାସୀ । ଏମାନେ ପୂର୍ବରୁ ଜେଲ୍ (ପୃଷ୍ଠା ୭ରେ)

ପ୍ରସଙ୍ଗତଃ

30 YEARS
ସମ୍ବାଦ କଳିକା

# ଭାରତ ହୋଇପାରିବନି ଚୀନ୍ ସମକକ୍ଷ

ଭାରତୀୟ ଅର୍ଥନୀତିର ଭବିଷ୍ୟତ ବେଶ ଉଜ୍ଜ୍ୱଳ ଥିଲେ ମଧ୍ୟ ଚୀନ୍ ଅତୀତରେ ଯେଭଳି ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ମର୍ଗାନ୍ ଷ୍ଟାନ୍‌ଲିର ଏସିଆ ମୁଖ୍ୟ ଅର୍ଥନୀତିଜ୍ଞ ଚେତନ ଆହ୍ୟା ଏହା କହିଛନ୍ତି। ସେ କହିଛନ୍ତି ଯେ ଲମ୍ବା ସମୟ ଭିତ୍ତିରେ ଭାରତ ୬.୫ ପ୍ରତିଶତରୁ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ। କିନ୍ତୁ ୧୯୭୮ର ଅର୍ଥନୈତିକ ସଂସ୍କାର ପରେ ଚୀନ୍ ଯେଭଳି ତିନି ଦଶନ୍ଧି ଧରି ୮-୧୦% ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ବିଶ୍ୱର ମାନୁଫାକ୍ଚରିଂ ହବ୍ ଭାବେ ଚୀନର ସ୍ଥାନ ନେବାଠାରୁ ଭାରତ ବହୁ ଦୂରରେ ରହିଥିବା ସେ କହିଛନ୍ତି। ଆହ୍ୟାଙ୍କ ମତରେ ଭାରତର ଅଭିବୃଦ୍ଧିରେ ରହିଥିବା ଦୁଇଟି ବଡ଼ ପ୍ରତିବନ୍ଧକ ହେଉଛି ଭିତ୍ତିଭୂମିର ଅଭାବ ଓ ଅଳ୍ପ କୁଶଳୀ ଶ୍ରମଶକ୍ତି। ଏହି ଦୁଇ ବଡ଼ କାରଣ ପାଇଁ ଭାରତର ଅଭିବୃଦ୍ଧି ୬-୭% ମଧ୍ୟରେ ରହିଯିବ। କିଛି ଦିନ ପୂର୍ବେ ମର୍ଗାନ ଷ୍ଟାନ୍‌ଲି ଏକ ରିପୋର୍ଟରେ କହିଥିଲା ଯେ ୨୦୦୩ରୁ ୦୭ ପର୍ଯ୍ୟନ୍ତ ଭାରତ ହାରାହାରି ଭାବେ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିଲା। ବର୍ତ୍ତମାନ ଅର୍ଥନୀତି ଯେଉଁଭଳି ଭାବେ ଗତି କରୁଛି ତାହା ସେହି ସମୟର ସ୍ମୃତିକୁ ତାହା କରିଛି। ମାନୁଫାକ୍ଚରିଂ କ୍ଷେତ୍ରରେ ଏକ ମହାଶକ୍ତିରେ ପରିଣତ ହେବା ଲାଗି ଭାରତ ଉଦ୍ୟମ କରୁଛି। ଚୀନରୁ ମୁହଁ ଫେରାଉଥିବା କମ୍ପାନିଗୁଡ଼ିକୁ ଆକୃଷ୍ଟ କରିବା ଲାଗି ଏହା ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ସ୍କିମ୍ ଘୋଷଣା କରିଛି। ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଫ୍ୟାବଲେସ୍, ଇଲେକ୍ଟ୍ରିକ୍ ଯାନ ଉପକରଣ କ୍ଷେତ୍ରରେ ଏହା ବିଶେଷ ଅଗ୍ରଗତି ହାସଲ କରିଛି। ଫୋନ୍ ଉତ୍ପାଦନରେ ଏହା ଆପଲ୍ ଓ ସାମସଙ୍ଗ ଭଳି କଂପାନି ଆକୃଷ୍ଟ କରିପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗର୍ଷା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉତା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗର୍ଷା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)
ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)
ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ସୁଦଶା ବ୍ରତର ମାହାତ୍ମ୍ୟ


ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ଓଷା, ବ୍ରତ, ପୂଜା, ଆରାଧନା, ଉପାସନା, ପ୍ରଭୃତି ଧାର୍ମିକ ବ୍ୟବସ୍ଥାର ମୌଳିକ ଉଦ୍ଦେଶ୍ୟ ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟର ପ୍ରାପ୍ତି। ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ବୌଦ୍ଧ, ଜୈନ, ସୌର ପ୍ରଭୃତି ଧର୍ମର ଆସ୍ଥା, ବିଶ୍ୱାସରେ ଓଷା ଓ ବ୍ରତର ଅନେକ ବ୍ୟବସ୍ଥା ରହିଛି। ବିଶେଷ କରି ଓଡ଼ିଆ ଜାତିର ଦୈନନ୍ଦିନ ସାମାଜିକ ଚଳଣିରେ ଓଷା ଓ ବ୍ରତର ଯଥେଷ୍ଟ ପ୍ରଭାବ ଓ ମହତ୍ତ୍ୱ ରହିଛି। ଓଷା ଓ ବ୍ରତର ଅନ୍ୟତମ ଉଦ୍ଦେଶ୍ୟ ଜୀବନକୁ ମାର୍ଜିତ ଶୃଙ୍ଖଳିତ ଓ ସଂସ୍କାରଧର୍ମୀ କରିବା। ବ୍ରତ ଓ ଓଷା ମଧ୍ୟରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ। ବ୍ରତ ସାଧାରଣତଃ ଶାସ୍ତ୍ରାନୁମୋଦିତ ଏବଂ ଏଥିରେ ଏକନିଷ୍ଠ ନୈଷ୍ଠିକ ବ୍ରାହ୍ମଣଙ୍କର ଆବଶ୍ୟକତା ରହିଛି। ସଂକଳ୍ପ ଓ ପୂଜା ପାଇଁ ବ୍ରତରେ ସ୍ୱତନ୍ତ୍ର ବିଧି, ବିଧାନ ଓ ବ୍ୟବସ୍ଥା ରହିଥାଏ। କିନ୍ତୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ବିଶେଷ ଉପବାସ ଓ ସଂଯମ ଆଚରଣ କରି ଓଷାର କାର୍ଯ୍ୟକ୍ରମରେ ନିଜକୁ ସଂଶ୍ଳିଷ୍ଟ କରିପାରିବେ। ଓଷା ପାଇଁ ବ୍ରାହ୍ମଣ ଅନିର୍ବାଯ୍ୟ ନୁହେଁ। ଉଭୟ ଓଷା ଓ ବ୍ରତ ପାଳନ ଅବସରରେ ବିଭିନ୍ନ ଆଖ୍ୟାୟିକା ପାଠ କରାଯାଇଥାଏ। ଏହି ଆଖ୍ୟାୟିକା ଗୁଡିକ ବିଭିନ୍ନ ଦେବ-ଦେବୀଙ୍କର ଅଲୌକିକ ଶକ୍ତି ଓ ମହିମା ଉପରେ ଆଧାରିତ। ଯାହା ଭକ୍ତମାନଙ୍କର ହୃଦୟକୁ ସ୍ପର୍ଶ କରିବା ସହିତ ଦେବା-ଦେବୀଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଭୟ ସଂଚାର କରିଥାଏ। ଓଷା ଓ ବ୍ରତ ଭିନ୍ନ -ଭିନ୍ନ ସ୍ରଷ୍ଟାଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବାରୁ ଏହାର ଉପସ୍ଥାପନ ଶୈଳି ଓ ପ୍ରଣାଳୀ ଭିନ୍ନ ଭିନ୍ନ ଧରଣର ହୋଇଥାଏ। ଉଭୟଙ୍କ ପୂଜାର୍ଚ୍ଚନା ପାଇଁ ଆବଶ୍ୟକ ଉପକରଣରେ ମଧ୍ୟ ଭିନ୍ନତା ଦେଖିବାକୁ ମିଳେ। ମନସ୍କାମନା ପୂଜା ନିମନ୍ତେ ବ୍ରତ ପାଳନ କରୁଥିବା ବ୍ରତୀ ଅତ୍ୟନ୍ତ ନିଷ୍ଠା ଓ ଆଗ୍ରହ ପ୍ରକାଶ କରିଥାନ୍ତି। ବିଶେଷ କରି ଭଗବାନ ବିଷ୍ଣୁ, ଶିବ, ଗଣେଶ, ସୌର ଓ ମାତୃଶକ୍ତି ଉପଲକ୍ଷେ ଅନେକ ବ୍ରତ ପାଳନ କରାଯାଇଥାଏ। ବୈଷ୍ଣବ ଭାବଧାରାରେ ଏକାଦଶୀବ୍ରତ, ଅନନ୍ତବ୍ରତ, ଲକ୍ଷ୍ମୀ ନାରାୟଣ ବ୍ରତ, ପଞ୍ଚୁକ ବ୍ରତ ଇତ୍ୟାଦି ପାଳନ କରାଯାଏ। ଶୈବ ପରମ୍ପରାକୁ କେନ୍ଦ୍ର କରି ସୋମନାଥବ୍ରତ କେଦାରବ୍ରତ, ସୋମବାରବ୍ରତ ବାଲିତୃତୀୟାବ୍ରତ ଇତ୍ୟାଦି ବ୍ରତୀମାନେ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ପାଳନ କରିଥାନ୍ତି। ସୂର୍ଯ୍ୟ ଉପାସନା କ୍ଷେତ୍ରରେ ରବିନାରାୟଣ ବ୍ରତ ଓ ସୂର୍ଯ୍ୟନାରାୟଣ ବ୍ରତ ଉତ୍ୟାଦି ପାଳନ କରାଯାଉଥିବାର ଜଣାଯାଏ। ଆଦ୍ୟାଶକ୍ତି ମାତୃ ପୂଜନରେ ପାଳନ କରାଯାଇଥିବା ବ୍ରତଗୁଡିକ ହେଉଛି- ଦୁର୍ଗାଷ୍ଟମୀ ବ୍ରତ, ତାରିଣୀବ୍ରତ, ସାବିତ୍ରୀବ୍ରତ, ଗୁରୁବାରବ୍ରତ ଓ ସୁଦଶାବ୍ରତ।

ପାଳନ କରାଯାଉଥିବା ସମସ୍ତ ବ୍ରତମାନଙ୍କ ମଧ୍ୟରେ ସୁଦଶାବ୍ରତର ମାହାତ୍ମ୍ୟ ସ୍ୱତନ୍ତ୍ର। ବିଷ୍ଣୁ ପାଟରାଣୀ ତଥା ସୌଭାଗ୍ୟ ଦାୟିନୀ ମା' ଲକ୍ଷ୍ମୀ ଦେବୀଙ୍କର ଉଦ୍ଦେଶ୍ୟରେ ଏହି ବ୍ରତ ସଂପୂର୍ଣ୍ଣ ରୂପେ ସମର୍ପିତ। ଲକ୍ଷ୍ମୀ ଦେବୀଙ୍କର ପ୍ରମୁଖ ପୂଜାମାନଙ୍କ ମଧ୍ୟରେ ଗୁରୁବାର ମାଣବସା ଓ ସୁଦଶା ବ୍ରତ ଅନ୍ୟତମ। ମା' ଲକ୍ଷ୍ମୀ ହେଉଛନ୍ତି ଧନ, ଧାନ୍ୟ, ଗୋପ ଓ ସୌଭାଗ୍ୟର ଅଧିଷ୍ଠାତ୍ରୀ ଦେବୀ। ପରିବାରର ମଙ୍ଗଳ କାମନା ସହିତ ସୁଖ, ଶାନ୍ତି, ପ୍ରଗତି, ସମୃଦ୍ଧି ନିମନ୍ତେ ମା' ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରାଯାଏ। ଅଶ୍ୱ, ଗୋ, ହସ୍ତୀ, ପୁତ୍ର, ପୌତ୍ର ପାଇଁ ଲକ୍ଷ୍ମୀ ଦେବୀଙ୍କୁ ଆରାଧନା କରାଯାଏ। ତେଣୁ ଏକ ସଂସ୍କୃତ ଶୋକ୍ଲରେ ମା'ଙ୍କର ମହିମା ସଂପର୍କରେ ଉଲ୍ଲେଖ ଅଛି-

**"ଅଶ୍ୱଦାୟ, ଗୋଦାୟି, ଧନଦାୟି/ମହାଘନେ, ଧନଂ ମେ କୁଷୁତାଂ ଦେବି/ସର୍ବକାମାଂଶ୍ଚ ଦେହ ମେ, ପୁତ୍ର ପୌତ୍ରଧନଂ/ଧାନ୍ୟଂ ହସ୍ତ୍ୟଶ୍ୱା ଶୂତରା ରଥମ୍ ପ୍ରଜାନାଂ/ ଭବସି ମାତା ଆୟୁଷ୍ମନ୍ତଂ କରୋତି ମେ"**

ପଦ୍ମପୁରାଣ ଅନୁଯାୟୀ ଯେଉଁ ମାସ ଶୁକ୍ଲପକ୍ଷ ଦଶମୀ ଗୁରୁବାରରେ ପଡେ ସେହି ଦିନ ଲକ୍ଷ୍ମୀ ଦେବୀଙ୍କର ଅତିପ୍ରିୟ ସୁଦଶାବ୍ରତ ପାଳନ କରାଯାଏ। ବଳରାମ ଦାସ କୃତ 'ଲକ୍ଷ୍ମୀ ପୁରାଣ'ରେ ସୁଦଶାବ୍ରତର ବିଧି ବିଧାନ ସଂପର୍କରେ ଉଲ୍ଲେଖ ଅଛି।

ଲକ୍ଷ୍ମୀ ପୁରାଣର ଏକ ପଦରେ ଉଲ୍ଲେଖଅଛି-

**" ମହାଲକ୍ଷ୍ମୀଙ୍କର ଆଉ ଏକ ବ୍ରତ ଅଛି/ସୁଦଶା ବୋଲି ତା ନାମ ଲୋକେ ପ୍ରକଟିଛି" ।।/ଶୁକଳ ଦଶମି ହେଲେ ଗୁରୁବାରଦିନ/ ହୁଅଇ ସୁଦଶାବ୍ରତ ଶୁଣ ଦେଇ ମନ" ।।**

ବ୍ରତର ନିୟମ ଅନୁଯାୟୀ ବ୍ରତଦିନ ପ୍ରଭାତରେ ଘରକୁ ଲିପାପୋଛା କରାଯିବା ସହିତ ପୂଜାସ୍ଥଳରେ ଚାରିବର୍ଣ୍ଣ ମୁରୁଜରେ ଲକ୍ଷ୍ମୀ ପାଦ ଚିତା ପକାଯାଏ। ଏହାପରେ ଲକ୍ଷ୍ମୀ ଦେବୀଙ୍କର ଆସ୍ଥାନ କଳସ ସ୍ଥାପନ କରାଯାଏ। ଦଶ ବର୍ଣ୍ଣଫୁଲ, ଦଶମୁଖା ଦୀପ, ବରକୋଳି ପତ୍ର ଓ ଦୁବ ଅର୍ପଣ ପୂର୍ବକ କଳସ ପରେ ମହାଲକ୍ଷ୍ମୀଙ୍କୁ ଆବାହନ ସଂପର୍କରେ ଉଲ୍ଲେଖ ଅଛି। ବ୍ରତକୁ ମହାଲକ୍ଷ୍ମୀଙ୍କର ଦଶ ଗୋଟି ନାମ ଯଥା-ଲକ୍ଷ୍ମୀ, କମଳା, ପଦ୍ମା, ହରପ୍ରିୟା, ଦାରିଦ୍ର୍ୟ ଭଞ୍ଜନୀ, କୌମେଦକୀ, ଗଜବାହିନୀ, ଚଞ୍ଚଳା, ଜାନକୀ, ରୁକ୍ମଣୀ ଇତ୍ୟାଦି ନାମ ସ୍ମରଣ କରି ଦଶଟି ଗଣ୍ଠି ପକାଯାଏ।

ଦଶକେରା ଦୁବରେ ସେ ବ୍ରତକୁ ଗୁଡାଯାଏ। ଲକ୍ଷ୍ମୀ ଦେବୀଙ୍କର ପ୍ରତୀକ ଗୁଆକୁ ଖଟୁଲି ଉପରେ ରଖାଯାଏ। ଏହାପରେ ବ୍ରତକୁ ଏହା ସହିତ ସ୍ଥାପନ କରାଯାଏ। ଲକ୍ଷ୍ମୀ ଦେବୀଙ୍କର ପ୍ରିୟ ମଣ୍ଡାପିଠା, ନଡିଆ, ଛେନା, ଗୁଡ, କଦଳି, ପ୍ରଭୃତିରେ ଦଶପ୍ରକାର ପୁରରେ ଦଶଗୋଟି ମଣ୍ଡା ପ୍ରସ୍ତୁତ କରାଯାଇ ମା'ଙ୍କୁ ଅର୍ପଣ କରାଯାଏ। ଏ ସଂପର୍କରେ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣନା ଅଛି -

**"ଦଶଖିଅ ସୂତାରେ ଯେ ବ୍ରତେକ କରିବ/ଲକ୍ଷ୍ମୀଙ୍କ ନାମରେ ଦଶ ଗୋଟି ଗଣ୍ଠି ଦେବ ।।/କଦଳୀ, ନଡିଆ, ଛେନା ଆଦି ଦଶପୁର/ ଦେଇ ଦଶ ଗୋଟି ମଣ୍ଡା କରିବ ସତ୍ୱର" ।।**

ଷୋଡ଼ଶୋପଚାରରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରାଯାଇ ବ୍ରତ କଥା ଶ୍ରବଣ କରାଯାଇଥାଏ। ୧୪ ବର୍ଷ ପର୍ଯ୍ୟନ୍ତ ଏହି ବ୍ରତ କରିବାର ବିଧାନ ରହିଛି। ବ୍ରତ ଉଝେଇବା ପାଳିରେ ଦଶ ଗୋଟିଏ ସୁବର୍ଣ୍ଣଦୁବ, ଦଶଗୋଟି ତଣ୍ଡୁଳ, ଦଶ ଯୋଡା ପଇତା, ଦଶ ଗୋଟି ବ୍ରତ, ଦଶ ଗୋଟା କଜ୍ଜ୍ୱଳ ପାତି, ଦଶଗୋଟି କୁମ୍ଭ ଆବଶ୍ୟକ ହୋଇଥାଏ। ବ୍ରତର କଥା ବସ୍ତୁ ଅନୁଯାୟୀ ଏକଦା ଦେବରାଜ ଇନ୍ଦ୍ର ନାରଦମୁନିଙ୍କୁ ପ୍ରଶ୍ନ କରିଥିଲେ କେଉଁ ବ୍ରତକୁ ପାଳନ କଲେ ସାଂସାରିକ ଜୀବନରେ ସୁଖ ଓ ସମୃଦ୍ଧି ଲାଭ କରାଯାଇ ପାରିବ। ଉତ୍ତରରେ ଦେବର୍ଷିନାରଦ ସୁଦଶାବ୍ରତ କଥା ବର୍ଣ୍ଣନା କରିଥିଲେ। ଏହି ବ୍ରତ କଲେ ବ୍ରତୀ ସ୍ୱର୍ଗଲୋକରେ ସ୍ଥାନ ପାଇଥାଏ ବୋଲି କହିଆ ନାରଦ ଦେବରାଜ ଇନ୍ଦ୍ରଙ୍କୁ ବୁଝାଇ ଥିଲେ। ବ୍ରତର କାହାଣୀ ଅନୁଯାୟୀ ଥରେ ଜଣେ ବ୍ରାହ୍ମଣୀ ସୁଦଶା ବ୍ରତ ପାଳନ କରିବା ସମୟରେ ତା'ର ବ୍ରତ ଏକ ଚିଲ୍ ଝାମ୍ପି ନେଇଗଲା। ଏକଥା ବ୍ରାହ୍ମଣୀ ନଳରାଜାଙ୍କ ନିକଟରେ ପ୍ରକାଶ କଲେ। ଦୟାବନ୍ତ ରାଜା ନଳ ନିଜ ରାଣୀଙ୍କ ବ୍ରତକୁ ବ୍ରାହ୍ମଣୀଙ୍କୁ ପ୍ରଦାନ କଲେ। ଏହାପରେ ରାଜା ଲକ୍ଷ୍ମୀଛଡା ହୋଇ ନିଜ ରାଜ୍ୟ ହରାଇବା ସହିତ ଦୁର୍ଦ୍ଦିନରେ ସମୟ ଅତିବାହିତ କଲେ। ପରିସ୍ଥିତିର ତାଡନାରେ ରାଣୀ ମଧ୍ୟ ରାଜାଙ୍କ ନିକଟରୁ ଦୂରେଇ ଯାଇଥିଲେ। ରାଣୀ ଦମୟନ୍ତୀ ଭୀମ ରାଜାଙ୍କ ନଅରରେ ଦାସୀ ରୂପେ କାର୍ଯ୍ୟ କରୁଥିଲେ। ଭୀମ ରାଜାଙ୍କ ଉଆସରେ ନାରୀମାନେ ସୁଦଶାବ୍ରତ ପାଳନ କରିବା ସମୟରେ ରାଣୀ ଦମୟନ୍ତୀ ସେମାନଙ୍କ ସହିତ ଯୋଗ ଦେଲେ। ଏହା ପରେ ରାଣୀଙ୍କର ଭାଗ୍ୟୋଦୟ ହେଲା। ବ୍ରତର ପ୍ରଭାବରେ ରାଜା ନଳ ଓ ରାଣୀ ଦମୟନ୍ତୀଙ୍କର ମିଳନ ହେଲା। ରାଜା ନଳ ତାଙ୍କର ରାଜ୍ୟ ଓ ସୁଖ ସମୃଦ୍ଧି ଫେରି ପାଇଲେ। ବ୍ରତ କଥା ଶୁଣି ସାରିଲା ପରେ ରାଜା ଇନ୍ଦ୍ର ନାରଦଙ୍କୁ ଦକ୍ଷିଣା ଦେଇ ବିଦାୟ ଦେଲେ ଏବଂ ରାଣୀ ସଚି ଏହି ବ୍ରତକୁ ମହା ଆନନ୍ଦରେ ପାଳନ କଲେ। ସୁଦଶାବ୍ରତ ଓଡ଼ିଆ ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ମାର୍ଗଦର୍ଶକ। ବିଶେଷ କରି ନାରୀ ସମାଜର ମହତ୍ତ୍ୱ ଓ ଗୁରୁତ୍ୱକୁ ଏହି ବ୍ରତରେ ପ୍ରାଧାନ୍ୟ ମିଳିଥାଏ। ନିଷ୍ଠା, ଆଗ୍ରହ, ଏକାଗ୍ରତା ପ୍ରଭୃତି ସୁଗୁଣାବଳୀର ସମାବେଶ ହୋଇଥାଏ ସୁଦଶାବ୍ରତରେ। ସାମାଜିକ ଓ ପାରିବାରିକ ସୌହାର୍ଦ୍ଦ ଓ ସଂହତିର ଏକ ଚରମ ନିଦର୍ଶନ ସୁଦଶାବ୍ରତ।

## ଶାମ୍ବ ଦଶମୀ ଚାଖି ଖୁଣ୍ଟିଆଙ୍କ ଜନ୍ମ ଦିବସ

# ଭାରତର ସ୍ୱାଧୀନତା ସଂଗ୍ରାମ ଓ ଚାଖି ଖୁଣ୍ଟିଆ


ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ଭାରତରେ ଇଂରେଜମାନଙ୍କ ବିରୁଦ୍ଧରେ ହୋଇଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମ ଯାହାକୁ ଇଂରେଜମାନଙ୍କର ଚାଟୁକାର ଓ ପଦଲେହନକାରୀ ତଥାକଥିତ 'ଇତିହାସକାର' ମାନଙ୍କ ଚକ୍ରାନ୍ତରେ ଏକ 'ମାମୁଲି ସିପାହୀ ବିଦ୍ରୋହ' ଆଖ୍ୟା ଦିଆ ଯାଇଥିଲା, ତାହା ଯେ ଇଂରେଜ ଶାସନ ବିରୁଦ୍ଧରେ ଶାନ୍ତିପ୍ରିୟ ଦେଶବାସୀଙ୍କ 'ପ୍ରଥମ ସଶସ୍ତ୍ର ସଂଗ୍ରାମ' ଥିଲା ତାହାର ପ୍ରମାଣ ଆମ ଓଡିଶାର ମହାନ ସଂଗ୍ରାମୀବୀର ଚାଖି ଖୁଂଟିଆ ବା 'ଚନ୍ଦନ ହଜୁରୀ'ଙ୍କର ଚରିତ ଅଧ୍ୟୟନ କଲେ ଜଣା ପଡିଥାଏ। ସେତେବେଳେ ସଂଗ୍ରାମୀ ବୀରାଙ୍ଗନା ଝାନ୍‌ସୀର ରାଣୀ ଲକ୍ଷ୍ମୀ ବାଈ, ଅଯୋଧ୍ୟାର ନବାବ ପେଶଓ୍ୱା ବାଜୀରାଓଙ୍କର ପୋଷ୍ୟ ସନ୍ତାନ ତାନ୍ତିଆ ଟୋପେ, ବିଠୁର କାନପୁରର ରାଜା ନାନାସାହେବ, ଅବଧର ବିଧବା ବେଗମ୍ ହଜରତ ମହଲ, ବିହାର ଜଗଜୀପୁର ରାଜ୍ୟର ରାଜକୁମାର କୁଁଅର ସିଂ, ଦିଲ୍ଲୀର ନବାବ ବାହାଦୂର ସାହ ଜାଫର ଆଦିଙ୍କ ନେତୃତ୍ୱରେ ଏହି ଜାତୀୟ ବିପ୍ଳବ ଅଳ୍ପ କେତେ ଅଂଚଳ ଛାଡି ସାରା ଭାରତରେ ବ୍ୟାପିଯାଇ ଇଂରେଜ ଶାସନକୁ ଦୋହଲେଇ ଦେଇଥିଲା। ସ୍ଥାନୀୟ ଭିତ୍ତିରେ ୧୮୫୭ ଏପ୍ରିଲ ମାସ ୨୯ ତାରିଖରେ ଆରମ୍ଭ ହୋଇଥିବା ଏହି ଐତିହାସିକ ବିଦ୍ରୋହ ଦେଶସାରା ବ୍ୟାପିଯାଇ ଦୁଇମାସ ମଧ୍ୟରେ ମଇମାସ ୩୧ ତାରିଖ ସୁଦ୍ଧା 'ସଂପର୍ଣ୍ଣ ସ୍ୱାଧୀନତା ସଂଗ୍ରାମ' ବା ଇଂରେଜ ମାନଙ୍କ ଦ୍ୱାରା ନାମିତ ତଥାକଥିତ ସିପାହୀ ବିଦ୍ରୋହରେ ପରିଣତ ହୋଇଯାଇଥିଲା ।

ଲର୍ଡ ଡେଲହାଉସିଙ୍କ ରାଜସ୍ୱତ୍ୱ ଲୋପ ଆଇନ ଅନୁଯାୟୀ ଦେଶୀୟ ଅପୁତ୍ରିକ ରାଜାମାନେ ସେତେବେଳେ ସେମାନଙ୍କର ଶାସନ ହରାଇଥିଲେ। ଝାନ୍ସୀର ରାଣୀ ଅପୁତ୍ରିକ ଥିବାରୁ ସେ ମଧ୍ୟ ରାଜଗାଦୀ ହରାଇଲେ। ତାଙ୍କ ପୁତ୍ର ଦାମୋଦର ରାଓଙ୍କୁ ଇଂରେଜ ମାନେ ସ୍ୱୀକୃତି ଦେଲେନାହିଁ କେବଳ ଝାନ୍ସୀ ନୁହେଁ ଦେଶର ଅନେକ ରାଜା ଏହି ନୂତନ ଆଇନ ଫଳରେ ରାଜଗାଦୀ ହରାଇଥିଲେ । ଏହାଛଡା ଖ୍ରୀଷ୍ଟ ଧର୍ମ ପ୍ରଚାରକ / ଧର୍ମ ଯାଜକ ମାନଙ୍କୁ ପ୍ରଚାରର ସୁବିଧାଦେବା, ରାଜା ମାନଙ୍କର ଭତ୍ତା କାଟିଦେବା, ସ୍କୁଲରେ ଜବରଦସ୍ତି ଇଂରାଜୀ ପାଠ ପଢାଇବା, ହାତକାମ, ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ଆଦିର ଗତିରୋଧ କରିବା ଏବଂ ଦେଶୀୟ ଉତ୍ପାଦିତ ଦ୍ରବ୍ୟ ପରିବର୍ତ୍ତେ ଇଂଲଣ୍ଡରୁ ଆସୁଥିବା ବିଦେଶୀ ଦ୍ରବ୍ୟର ପ୍ରଚଳନ ଆଦି କାରଣରୁ ସମଗ୍ର ଦେଶରେ ଇଂରେଜମାନଙ୍କ ବିରୁଦ୍ଧରେ ଜନ ଆକ୍ରୋଶ ସୃଷ୍ଟିହେଲା । ଫଳତଃ ଝାନ୍‌ସୀରାଣୀଙ୍କ ନେତୃତ୍ୱରେ ପ୍ରଥମେ ନିଜ ନିଜର ଗାଦୀ ରକ୍ଷା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ସଶସ୍ତ୍ର ବିଦ୍ରୋହ କିଛିଦିନ ଭିତରେ 'ଜାତୀୟ ଆନ୍ଦୋଳନ'ରେ ପରିଣତ ହୋଇଯାଇଥିଲା । ଏହାର ନେତୃତ୍ୱ ନେଇଥିଲେ ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ ଓ ତାଙ୍କର ମୁଖ୍ୟ ପରାମର୍ଶଦାତା ପୁରୀର ତୀର୍ଥଗୁରୁ 'ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ' ।


ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆ

ପୁରୀ ମଣିକର୍ଣ୍ଣିକା ସାହିର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବାକାରୀ ହଜୁରୀ ଭୀମସେନ ଖୁଣ୍ଟିଆଙ୍କ ପୁତ୍ର ଥିଲେ ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ । ସେ ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈଙ୍କର ତୀର୍ଥପଣ୍ଡା ଥିଲେ। ସେହି ସମୟରେ ଝାନ୍‌ସୀର ରାଣୀଙ୍କ ନିକଟରୁ ପ୍ରାପ୍ତ ଏକ ପତ୍ରହିଁ ଚନ୍ଦନ ହଜୁରୀଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା । ୧୮୫୬ ମସିହା ମାର୍ଚ୍ଚ ମାସରେ ଲିଖିତ ଏହି ପତ୍ରରେ 'ମାନନୀୟ ପଣ୍ଡାଜୀ' ସମ୍ବୋଧନ ସହିତ ରାଣୀ ଇଂରେଜମାନଙ୍କର ଅନ୍ୟାୟର ବିଶଦ ବିବରଣୀ ସହିତ ବିପ୍ଳବର ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ। ଚିଠି ଶେଷରେ ସେ ସ୍ୱାକ୍ଷର କରିଥିଲେ , 'ଆପକୀ ଲକ୍ଷ୍ମୀବାଈ' । ଚିଠିପଢି କ୍ରୋଧରେ ଥରି ଉଠିଲେ ଚନ୍ଦନ। ଇଂରେଜ ସରକାର ଯେ ଏପରି କାର୍ଯ୍ୟ କରି ପାରନ୍ତି ସେ ବିଶ୍ୱାସ କରିପାରି ନଥିଲେ। ସେ ତୁରନ୍ତ ଝାନ୍‌ସୀ ଯାତ୍ରା କଲେ । ଲକ୍ଷ୍ମୀବାଈଙ୍କ ଠାରୁ ସବୁକଥା ଶୁଣି ଚନ୍ଦନଙ୍କ ମନରେ ଇଂରେଜ ଜାତିପ୍ରତି ଘୃଣାଭାବ ଜାତ ହେଲା। ସେହି ଦିନଠାରୁ ସେ ବିଠୁରର ନାନାସାହେବଙ୍କ ସହିତ ମିଶି ଝାନ୍‌ସୀ ପୁନଃ ଦଖଲ ପାଇଁ ଏକ ସୁଚିନ୍ତିତ ଯୋଜନା ସହିତ ସୁଦୃଢ ପଦକ୍ଷେପ ନେଇ ଏକବର୍ଷ ଭିତରେ ଇଂରେଜ ସେନାପତିଙ୍କୁ ହଟାଇ ଝାନ୍‌ସୀ ରାଜ୍ୟ ପୁନଃ ଦଖଲ କରି ନେଇଥିଲେ । ଯୁଦ୍ଧରେ ରାଣୀ ନିଜେ ଖଣ୍ଡାଧରି ରଣଭୂମିକୁ ଓହ୍ଲାଇ ଥିଲେ ଏବଂ ତାଙ୍କ ପାଖେ ପାଖେ ରହି ଚନ୍ଦନ ସାହାଯ୍ୟ କରିଥିଲେ। ସେତେବେଳକୁ ଚନ୍ଦନଙ୍କୁ ମାତ୍ର ୩୭ ବର୍ଷ ବୟସ ହୋଇଥିଲା ।

ପରେ ପରେ ବିଦ୍ରୋହ ଦିଲ୍ଲୀ, ଲକ୍ଷ୍ନୌ, ଝାନ୍‌ସୀ, ମିରଟ, କାନପୁର , କଟକ, ବାରାକପୁର, ଅଯୋଧ୍ୟା, ଅବଧ, ବିହାର, ଗ୍ୱାଲିଅର, କୁଲୁ, ରାଜସ୍ଥାନ, ମାଣ୍ଡଶର, ଗୋରଖପୁର ଓ ମଥୁରାକୁ ବ୍ୟାପିଯାଇଥିଲା ଏବଂ ୨୦ ମାସଧରି ଚାଲିଥିବା ଏହି ସଂଗ୍ରାମରେ ରକ୍ତର ନଦୀ ବୋହିଯାଇଥିଲା । ବିଦ୍ୟୁତ ବେଗରେ ସଂଘଠିତ ଏହି ବିଦ୍ରୋହ ଦେଖୁ ଦେଖୁ ଏଭଳି ପ୍ରଚଣ୍ଡ ଆକାର ଧାରଣ କରିନେଲା ଯାହାକି ଇଂରେଜମାନେ କଳ୍ପନା କରି ନଥିଲେ। ଚନ୍ଦନ ସମସ୍ତଙ୍କ ପାଖକୁ ଚିଠି ଲେଖି ବୁଲି ବୁଲି ବିଦ୍ରୋହ ପରିଚାଳନା କରୁଥିଲେହେଁ ଇଂରେଜମାନେ ଏହାର କର୍ତ୍ତା କିଏ ଜାଣି ପାରି ନ ଥିଲେ । ତାଙ୍କରି ପରାମର୍ଶରେ ମଙ୍ଗଲ ପାଣ୍ଡେ ଦେଶର ଭାରତୀୟ ସିପାହୀ ମାନଙ୍କୁ ବିଦ୍ରୋହରେ ଯୋଗ ଦେବାପାଇଁ ଉସ୍‌କାଇବାରେ ସକ୍ଷମ ହୋଇଥିଲେ ।

ଇତିମଧ୍ୟରେ ଇଂରେଜମାନେ ଗୁପ୍ତଚର ମାନଙ୍କ ଜରିଆରେ ଜାଣି ପାରିଲେ ଯେ କେହିଜଣେ 'ହଜୁରୀ ପଣ୍ଡା' ଏ ବିଦ୍ରୋହର ମୁଖ୍ୟ ଅଟନ୍ତି । ପ୍ରଥମରୁ ବିଦ୍ରୋହରେ ସାମାନ୍ୟ ଜଣେ ତୀର୍ଥପଣ୍ଡାଙ୍କ ଭୂମିକା ଏଭଳି ବିପଦ ଜନକ ହୋଇପାରେ ସେମାନେ ଭାବିପାରି ନଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଧରିବା ପାଇଁ ଏକଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଗଲା । ୧୮୫୮ରେ ଗୟାଜିଲ୍ଲା ମାଜିଷ୍ଟ୍ରେଟ ଲେଖିଥିବା ଚିଠିରେ ଚନ୍ଦନ ପ୍ରତାପଗଡରେ ଥିବା ଜାଣିପାରି ପୋଲିସ ଫୋର୍ସ ସାହାଯ୍ୟରେ ତାଙ୍କୁ ଗିରଫ କରାଗଲା । ସଙ୍ଗେ ସଙ୍ଗେ ପୁରୀରେ ଥିବା ତାଙ୍କର ସମସ୍ତ ସମ୍ପତି ବ୍ୟାଜାପ୍ତି କରି ଦିଆଗଲା ଏବଂ ତାଙ୍କୁ ନଜରବନ୍ଦୀ କରି ରଖାଗଲା। ମାତ୍ର ତାଙ୍କ ବିରୁଦ୍ଧରେ କୌଣସି ଗୁରୁତର ଅଭିଯୋଗ ନଥିବାରୁ ୧୮୫୮ମସିହା ନଭେମ୍ବର ୧୫ ତାରିଖରେ ତାଙ୍କୁ ମୁକ୍ତ କରାଯାଇ ସମସ୍ତ ସମ୍ପତ୍ତି ଫେରାଇ ଦିଆଗଲା ।

ଚନ୍ଦନ ହଜୁରୀ ୧୮୬୫ ମସିହାରେ ପୁରୀରେ ପହଞ୍ଚି ଲୋକନାଥ ଘାଟସ୍ଥ ସପ୍ତଫେଣୀ କଣ୍ଟା ବଣରେ ବିଶ୍ରାମ ନେଉଥିବା ବେଳେ ବାଲ୍ୟବନ୍ଧୁ ଦିବ୍ୟସିଂହ ପଟନାୟକ ତାଙ୍କୁ ଦେଖି ଚିହ୍ନି କୁଣ୍ଢାଇ ପକାଇଲେ। ଘରକୁ ଯିବା ପାଇଁ ଡାକିବାରୁ ଚନ୍ଦନ କହିଲେ ଘରୁ ଯିବାର ୮ ବର୍ଷ ବିତି ଯାଇଥିବାରୁ ମୋ ସ୍ତ୍ରୀକୁ ସେମାନେ ବିଧବା କରି ଦେଇଥିବେ ! ଘରକୁ କିପରି ଯିବି ? ପଟନାୟକେ ଚନ୍ଦନଙ୍କୁ ସେଇଠି ବସାଇ ଘରକୁ ଗଲେ । ମୁକ୍ତିମଣ୍ଡପରୁ ଏହାର ସଂସ୍କାର ବିଧି ବୁଝି ଚନ୍ଦନଙ୍କୁ ଅଠରନଳା ପଠାଇ ନିଜେ ସାହି ମାଇପେଙ୍କ ସାଥିରେ ତାଙ୍କ ସ୍ତ୍ରୀଙ୍କୁ ଆଣି ସେଠାରେ ପହଞ୍ଚିଲେ । ଚନ୍ଦନ ସ୍ତ୍ରୀଙ୍କୁ କାଚ ପିନ୍ଧାଇ ମୁଣ୍ଡରେ ସିନ୍ଦୁର କଜ୍ଜଳ ଲଗାଇଦେଲେ । ଅଠରନଳା ପାର ହୋଇ ଘରକୁ ଗଲାବେଳେ ସାଇ 'ପାରିନାନୀ' ଅଟାରେ ବୋଲିଲେ , 'ନଈରେ ବାଳିଆ ଚହଟିଲା, ସିନ୍ଦୁର କଜ୍ଜ୍ୱଳ ନାଆଲୋ .. ପୁଣି ଚାଖିଆ ଲେଉଟିଲା'। ପାରିନାନୀ ରହସ୍ୟରେ ବୋଲିଥିବା ସେଇ କେଇପଦ ଗୀତ 'ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆ'ଙ୍କୁ ଅମର କରି ରଖିଦେଲା କାଳ କାଳକୁ।

ଓଡିଆ ଜାତିର ଗର୍ବ ଓ ଗୌରବ ଚାଖି ଖୁଣ୍ଟିଆଙ୍କ ଜନ୍ମ ୧୮୨୨ ମସିହା ଜାନୁଆରୀ ୧ ତାରିଖ ଶାମ୍ବଦଶମୀ ଓ ମୃତ୍ୟୁ ୧୮୮୮ ମସିହା ଅକ୍ଟୋବର ମାସ ୨୭ ତାରିଖ ଦିନ ହୋଇଥିଲା ।

(କୃତଜ୍ଞତା ; ଶ୍ରୀବୈଦ୍ୟନାଥ ଗୋଛିକାରଙ୍କ 'ସେବକ ଦର୍ପଣ')

# ଉତ୍ସାହପ୍ରଦ ଜଙ୍ଗଲ ଜମି ବୃଦ୍ଧି


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତ୍ତନ, ବିଶ୍ୱ ତାପମାତ୍ରା ବୃଦ୍ଧି ଏବେ ସମଗ୍ର ବିଶ୍ୱ ତଥା ମଣିଷ ଓ ପ୍ରାଣୀଜଗତ ପାଇଁ ସବୁଠାରୁ ବଡ ସଂକଟ ଭାବେ ଉଭା ହୋଇଛି। ଯାହାର ପରିଣତି ସ୍ୱରୂପ ପ୍ରାକୃତିକ ବିପର୍ଯ୍ୟୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ପାଉଥିବାରୁ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି। ଏହାର ମୂଳକାରଣ ଆଖିବୁଜା ଗଛକଟା ଏବଂ ଶିଳ୍ପାୟନ ନାମରେ ବ୍ୟାପକ ଜଙ୍ଗଲ ଧ୍ୱଂସ ବୋଲି କୁହାଯାଇଛି। କେବଳ ଏତିକି ନୁହେଁ, ବିକାଶ ନାମରେ ପ୍ରକୃତି ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ଏହାର ଫଳସ୍ୱରୂପ ପ୍ରକୃତି ଉପରେ ମଣିଷ ଯେତିକି ଯେତିକି ଅତ୍ୟାଚାର କରୁଛି, ପ୍ରକୃତି ସେତିକି ସେତିକି କୋପ କରୁଛି, ଯାହାର ପ୍ରମାଣ ହେଉଛି ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି। ମାନବ ସମାଜରୁ ପ୍ରକୃତି କୋପରୁ ରକ୍ଷା କରିବା ପାଇଁ ବ୍ୟାପକ ସବୁଜ ବନାନୀ ସୃଷ୍ଟି ଲାଗି 'ପିଲାଟିଏ-ଗଛଟିଏ' 'ମାଆ ପାଇଁ ଗଛଟିଏ' ଆଦି ଅଭିଯାନ କେବଳ ଓଡିଶା ନୁହେଁ, ସାରା ଦେଶରେ ଚାଲିଥିଲା। ଗୋଟିଏ ପଟେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇବା ସହ ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ସାରା ବିଶ୍ୱବାସୀ ଅଣନିଃଶ୍ୱାସୀ ହୋଇପଡିଥିବାବେଳେ ଏଭଳି ଏକ ନୈରାଶ୍ୟଜନକ ସ୍ଥିତିରେ ଯେଉଁ ସୁଖଦ ତଥା ଉତ୍ସାହପଦ ଖବର ଆସିଛି, ତାହା ହେଉଛି ଦେଶରେ ଜଙ୍ଗଲ ଓ ବୃକ୍ଷରାଜି ବୃଦ୍ଧି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର 'ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ' ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୧ ତୁଳନାରେ ଜଙ୍ଗଲ ଜମି ଆୟତନ ୧୪୪୫ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ଦେଶରେ ଏବେ ୮,୨୭,୩୫୭ ବର୍ଗ କିଲୋମିଟର ଅଂଚଳରେ ଜଙ୍ଗଲ ଜମି ରହିଛି। ଯାହାକି ଦେଶର ମୋଟ ଆୟତନର ୨୫.୧୭ ପ୍ରତିଶତ। ତେବେ ଏହି ଜଙ୍ଗଲ ଅଂଚଳ ମଧ୍ୟରୁ ୭,୧୫,୩୪୩ ବର୍ଗ କିମି ଜଙ୍ଗଲ ହୋଇଥିବାବେଳେ ଅବଶିଷ୍ଟ ୧,୧୨,୦୧୪ ବର୍ଗ କିଲୋମିଟର ହେଉଛି ବୃକ୍ଷରାଜି। ଜଙ୍ଗଲର ସୁରକ୍ଷା ଏବଂ ପ୍ରତିବର୍ଷ ବ୍ୟାପକ ଚାରାରୋପଣ ଯୋଗୁଁ ସମ୍ଭବ ହୋଇପାରିଥିବା ରିପୋର୍ଟରେ କୁହାଯାଇଛି। ପ୍ରକାଶିତ ତଥ୍ୟ ଅନୁଯାୟୀ ମଧ୍ୟପ୍ରଦେଶରେ ସର୍ବାଧିକ ୮୫,୭୨୪ ବର୍ଗ କିମି ଜଙ୍ଗଲ ଓ ବୃକ୍ଷରାଜି ଥିବାବେଳେ ଅରୁଣାଚଳ ପ୍ରଦେଶ ଦ୍ୱିତୀୟ ଏବଂ ମହାରାଷ୍ଟ୍ର ତୃତୀୟ ସ୍ଥାନରେ ରହିଛି। ସେହିପରି ଜଙ୍ଗଲ ଓ ବୃଦ୍ଧି କ୍ଷେତ୍ରରେ ଛତିଶଗଡ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଉତ୍ତରପ୍ରଦେଶ, ତୃତୀୟ ସ୍ଥାନରେ ଓଡିଶା ରହିଛି। ଦେଶରେ ବୃଦ୍ଧି ପାଇଥିବା ଜଙ୍ଗଲ ଜମି ଓ ବୃକ୍ଷରାଜି ମଧ୍ୟରେ ଓଡିଶାରେ ୫୫୯ ବର୍ଗ କମି ରହିଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱରେ ବିଭିନ୍ନ କାରଣରୁ ବିଶେଷ କରି ଜଙ୍ଗଲରେ ନିଆଁ, ଦୃତ ଶିଳ୍ପାୟନ, ନୂତନ ଜନବସତି ସ୍ଥାପନ ଓ ବିକାଶ ନାମରେ ଜଙ୍ଗଲ ଜମିର ଦୃତ କ୍ଷୟ ଘଟି ଚାଲିଥିବାବେଳେ ଭାରତରେ ଜଙ୍ଗଲ ଜମି ଓ ବୃକ୍ଷରାଜି ବୃଦ୍ଧି ନିଶ୍ଚିତ ଭାବେ ସୁଖଦ ଖବର। କିନ୍ତୁ ଏହା ସତ୍ୟ ଯେ, ଦେଶରେ ଜଙ୍ଗଲ ବୃଦ୍ଧି ସ୍ୱାଭାବିକ ବୃଦ୍ଧି ଠାରୁ ପଛରେ ରହିଛି । ଗୋଟିଏ ପଟେ ପଶ୍ଚିମଘାଟ, ଉତ୍ତରପୂର୍ବାଞ୍ଚଳ ରାଜ୍ୟ, ହିମାଳୟ ପାର୍ବତ୍ୟାଞ୍ଚଳରେ ଜଙ୍ଗଲଜମିର କ୍ଷୟ ବଢିବା ସଙ୍ଗେ ସଙ୍ଗେ ଜୈବ ବିବିଧତା ମଧ୍ୟ କ୍ଷୟକ୍ଷତି ବଢିଚାଲିଛି। ତେବେ ବ୍ୟାପକ ଚାରାରୋପଣ ଯୋଗୁଁ ଦେଶରେ ଜଙ୍ଗଲ ଜମିର ବୃଦ୍ଧି ଘଟିବାରେ ସହାୟକ ହୋଇଛି। ଆସନ୍ତା ୨୦୩୦ ମସିହା ସୁଦ୍ଧା ଦେଶରେ ୩୩ପ୍ରତିଶତ ଜଙ୍ଗଲ ସୃଷ୍ଟି ପାଇଁ ଜାତୀୟ ଜଙ୍ଗଲ ନୀତିରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତଥ୍ୟ ଅନୁସାରେ ଦେଶରେ ମୋଟ ଭୌଗୋଳିକ ଅଞ୍ଚଳର ୨୫-୧୭% ଅଞ୍ଚଳରେ ଜଙ୍ଗଲ ଓ ବୃକ୍ଷ ରହିଛି। ଦୀର୍ଘ ୧୮ବର୍ଷ ମଧ୍ୟରେ ଭାରତ ଯେଉଁ ନୂତନ ଜଙ୍ଗଲ ଓ ବୃକ୍ଷରାଜି ଅଞ୍ଚଳ ସୃଷ୍ଟି କରିଛି, ତାହା ବାର୍ଷିକ ୨୨୯ ବିଲିଅନ ଟନ ଅଙ୍ଗାରକାମ୍ଳ ଶୋଷଣ କରିପାରିବ। ତେବେ ଶିଳ୍ପାୟନ ଓ ଯାନବାହାନ ଚଳାଚଳରୁ ଯେଉଁ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହେଉଛି, ତାହାକୁ ଶୋଷଣ କରିବାରେ ଅତିକମ୍‌ରେ ୩୩ ଭାଗ ଜଙ୍ଗଲ ବୃକ୍ଷରାଜିର ଆବଶ୍ୟକତା ରହିଛି। ତେବେ ଏହି ଲକ୍ଷ୍ୟ ଆଉ ବେଶୀ ଦୂର ନୁହେଁ। ପିଲାଟିଏ ଗଛଟିଏ ଏବଂ ମା' ପାଇଁ ଗଛଟିଏ ଅଭିଯାନ ଏହି ଲକ୍ଷ୍ୟ ପୁରଣ କରିପାରିବା କିଛି ଅସମ୍ଭବ ନୁହେଁ। ଏଥିପାଇଁ ବୃକ୍ଷରୋପଣ ଅଭିଯାନକୁ ଆହୁରି ଜୋରଦାର କରିବା ସହ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ସେହିପରି ଜଙ୍ଗଲ ସୁରକ୍ଷା ମଧ୍ୟ ଅପରିହାର୍ଯ୍ୟ। ଅବଶ୍ୟ ଏବେ ଦୁର୍ଗମ ଅଞ୍ଚଳରେ ଗ୍ରାମବାସୀମାନେ ଜଙ୍ଗଲ ସୁରକ୍ଷା ପାଇଁ ଆଗେଇ ଆସିବା ଏ କ୍ଷେତ୍ରରେ ଏକ ଶୁଭ ସଂକେତ ବୋଲି କୁହାଯାଇପାରେ। ଗ୍ରାମବାସୀଙ୍କ ଏଭଳି ଉଦ୍ୟମକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରୋତ୍ସାହନ ଦେବା ଏକାନ୍ତ ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Manchesware Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୬

## ଧର୍ମରାଜଙ୍କ ଅବତାର ବିଦୁର



ଋଷି ମାଣ୍ଡବ୍ୟ ଜଣେ ଉଚ୍ଚସ୍ତର ସାଧକ । ପରମ ସତ୍ୟର ସନ୍ଧାନରେ ସେ ଶରୀରକୁ କଷ୍ଟଦେଇ କଠୋର ସାଧନା କରୁଥିଲେ । ହସ୍ତିନାପୁର ନଗ୍ର ବାହାରେ ଘଞ୍ଚ ଅରଣ୍ୟରେ ତାଙ୍କର ଆଶ୍ରମ । ଦିନେ, ପତ୍ର କୁଡିଆ ବାହାରେ ଏକ ଗଛମୂଳେ ସେ ମୌନବ୍ରତ ଆଚରଣ ପୂର୍ବକ ଧ୍ୟାନରେ ବସିଥିଲେ ।

ଏହି ସମୟରେ .......

ଗୋଟିଏ ଡାକୁ ଦଳ ସେଠି ପହଞ୍ଚିଲେ । ପିଛା କରୁଥିଲେ ରାଜାଙ୍କ ସେନା । ଡାକୁମାନେ ଆଶ୍ରମ ନିକଟରେ ପହଞ୍ଚ ଜାଣିଲେ, ସେମାନେ ଧରାପଡିଯିବେ । ଆଶ୍ରମଟିକୁ ସୁରକ୍ଷିତ ସ୍ଥାନ ଭାବି ସେମାନେ ଆଶ୍ରମ ଭିତରେ ପଶିଲେ ଓ ଚୋରି ସାମଗ୍ରୀ ଗୋଟେ କଣରେ ଲୁଚେଇ ନିଜେ ଛପିଗଲେ ।

ଠିକ୍ ପରେ ପରେ ପହଞ୍ଚିଗଲେ ରାଜାଙ୍କର ସେନା । ମାଣ୍ଡବ୍ୟଙ୍କୁ ଗଛମୂଳେ ବସିଥିବା ଦେଖି ସେନାମୁଖ୍ୟ ପଚାରିଲେ- ଏହିବାଟେ ଡାକୁ ଦଳଟିଏ ଗଲେକି ? ଶୀଘ୍ର କୁହ, ଆମେ ସେମାନଙ୍କୁ ଧରିବୁ ।

ମାଣ୍ଡବ୍ୟଙ୍କୁ ସେନାମୁଖ୍ୟଙ୍କ ପ୍ରଶ୍ନ ଶୁଭିନଥିଲା । କାରଣ ସେ ଗଭୀର ଧ୍ୟାନରେ ବୁଡିରହିଥିଲେ ।

ସେନାମୁଖ୍ୟ ସେଇ ପ୍ରଶ୍ନକୁ ଆଉ କେଇଥର ପଚାରିଲେ ମଧ୍ୟ ମାଣ୍ଡବ୍ୟଙ୍କଠୁ ଉତ୍ତର ଆସିଲା ନାହିଁ । ମନରେ ସନ୍ଦେହ ଆସିଲା ସେନାମୁଖ୍ୟଙ୍କର । ସେ ଆଦେଶ ଦେଲେ- ଆଶ୍ରମ ଭିତରେ ପ୍ରବେଶ କର ଓ ଦେଖ ।

କେତେଜଣ ଆଶ୍ରମ ଭିତରକୁ ଗଲେ ଓ ଚୋରି ସାମଗ୍ରୀ ଗୋଟେ କଣରେ ରହିଥିବା ଦେଖିଲେ । ସେନାମୁଖ୍ୟଙ୍କୁ ସୂଚନା ଦେବାରୁ ସେନାମୁଖ୍ୟ ନିଜେ ଆଶ୍ରମରେ ପ୍ରବେଶ କଲେ । ଡାକୁଦଳ ଧରାପଡିଲେ ଏବଂ ଚୋରି ସାମଗ୍ରୀ ବରାମତ ହେଲା ।

ସେନାମୁଖ୍ୟ ଭାବିଲେ - ଏହି ବ୍ରାହ୍ମଣ କାହିଁକି ନୀରବ ରହିଥିଲା, ଏବେ ଜଣାପଡିଲା । ପ୍ରକୃତରେ ଏହି ବ୍ରାହ୍ମଣ ଅସଲ ଚୋର । କହିଲେ ସେନାଙ୍କୁ - ତୁମେ ସବୁ ଏହି ସ୍ଥାନକୁ ଜଗିରୁହ । ମୁଁ ରାଜାଙ୍କ ପାଖରୁ ଆସୁଛି ।

ରାଜାଙ୍କୁ ଭେଟି ସେନାମୁଖ୍ୟ ବିସ୍ତାରିତ ଭାବେ ଘଟନାଟି କହିଲେ । କହିଲେ, ବ୍ରାହ୍ମଣ ମାଣ୍ଡବ୍ୟ ପ୍ରକୃତ ଚୋର । କି ଦଣ୍ଡଦେବି, କହିବା ହୁଅନ୍ତୁ ।

"କମ୍ ସାହସ ନୁହଁ ! ବ୍ରାହ୍ମଣ ବେଶ ଧାରଣକରି ଚୋରି କରୁଛି ! ଏବଂ ଦୁନିଆକୁ ଠକୁଛି" - ରାଜା ଭାବିଲେ । ଘଟନାଟିର ସତ୍ୟାସତ୍ୟ ପରୀକ୍ଷା ନକରି ଆଦଶ ଦେଲେ - ସେ ବ୍ରାହ୍ମଣକୁ ଶୂଳିରେ ବସାଅ । ତାହାହିଁ ହେବ ତାପ୍ରତି ଉପଯୁକ୍ତ ଦଣ୍ଡ ।

ସେନାମୁଖ୍ୟ ଫେରିଗଲେ ଆଶ୍ରମକୁ । ବ୍ରାହ୍ମଣ ମାଣ୍ଡବ୍ୟଙ୍କୁ ଟେକିନେଇ ଗୋଟିଏ ବର୍ଚ୍ଛା ଉପରେ ବସେଇବାକୁ ସେନାଙ୍କୁ ନିର୍ଦ୍ଦେଶ ଦେଲେ । ମାଣ୍ଡବ୍ୟ ପ୍ରତିବାଦ କଲେ ନାହିଁ ।

ଯୋଗଧ୍ୟାନରେ ବସିଥିବା ମାଣ୍ଡବ୍ୟ ବର୍ଚ୍ଛା ଉପରେ ବସିରହିଲେ । ମଲେନାହିଁ । ଅରଣ୍ୟରେ ରହୁଥିବା ଅନ୍ୟ ଯୋଗୀମାନେ ମାଣ୍ଡବ୍ୟଙ୍କୁ ଦେଖିବାକୁ ଆସିଲେ । ପଚାରିଲେ ମାଣ୍ଡବ୍ୟଙ୍କୁ - ତୁମକୁ ଏପରି କିଏ କଲା ଓ କାହିଁକି ?

ମାଣ୍ଡବ୍ୟ ଉତ୍ତର ଦେଲେ - କାହାକୁ ଦୋଷ ଦେବି ? ରାଜାଙ୍କର କର୍ମଚାରୀମାନେ ଏପରି କରିଛନ୍ତି । ଯାହାର କର୍ତ୍ତବ୍ୟ ଜଗତକୁ ରକ୍ଷାକରିବା, ସେ କ'ଣ କରିଛି ଦେଖ !

ଠିକ୍ ସମୟରେ ରାଜା ଶୁଣିଲେ, ବ୍ରାହ୍ମଣ ମାଣ୍ଡବ୍ୟ ନମରି ବର୍ଚ୍ଛାକୁ ଆସନ କରି ବସିଛନ୍ତି । ଏବଂ ତାଙ୍କୁ ଘେରି ବସିଛନ୍ତି ଅନେକ ସାଧୁ । ରାଜା ଭାବିଲେ - ମୁଁ ମୂର୍ଖ, କି ଭୁଲ୍ କଲି ! ମିଥ୍ୟାରେ ତାଙ୍କୁ ଶୂଳି ଚଢେଇଲି !

ରାଜା ସହସା ମାଣ୍ଡବ୍ୟଙ୍କ ନିକଟରେ ପହଞ୍ଚିଲେ । ସାଷ୍ଟାଙ୍ଗ ପ୍ରଣାମ କଲେ ତାଙ୍କୁ । ମୋର ଅପରାଧ ମାର୍ଜନା କରନ୍ତୁ । ଭୁଲ୍‌ଟିଏ କରିପକେଇଚି । ଆଉ ଏପରି ଭୁଲ୍ ହେବନାହିଁ । ସେ ଆଦେଶ ଦେଲେ, ମାଣ୍ଡବ୍ୟଙ୍କୁ ଶୂଳି-ମୁକ୍ତ କରିବାକୁ ।

ମାଣ୍ଡବ୍ୟ ଯଥାପୂର୍ବ ଶାନ୍ତ ସମାହିତ । ରାଜାଙ୍କ ପ୍ରତି ତାଙ୍କ ମନରେ କ୍ରୋଧ ନଥିଲା । ସେ ସିଧା ଚାଲିଲେ ଧର୍ମରାଜଙ୍କ ପାଖକୁ । ଜଗତରେ ମଣିଷଙ୍କୁ ଦଣ୍ଡଦେବାର ଅଧିକାର କେବଳ ତାଙ୍କର । ରାଜା କିଏ ! ଧର୍ମରାଜ ବସିଥିଲେ ସିଂହାସନରେ । ମାଣ୍ଡବ୍ୟ ତାଙ୍କୁ ପଚାରିଲେ - ମୋତେ କୁହ, କି ଅପରାଧ ମୁଁ କରିଛି, ଯେଉଁଥିପାଇଁ ଏତେ ଯନ୍ତଣା ପାଇଲି !

ଧର୍ମରାଜ ମାଣ୍ଡବ୍ୟଙ୍କର ଯୋଗଶକ୍ତି ସଂପର୍କରେ ଧର୍ମରାଜଙ୍କୁ ଜଣାଥିଲା । ଅତି ନମ୍ର ଭାବରେ ସେ ଉତ୍ତର ଦେଲେ - "ହେ ସାଧୁ ମହାଶୟ, ତୁମେ ଚଢେଇ ଓ ମହୁମାଛିଙ୍କୁ ଯନ୍ତଣା ଦେଇଛ । ଅବଶ୍ୟ ପିଲାଦିନେ । ମହାଶୟଙ୍କୁ ଜଣାଥିବ, ଜଗତରେ ପ୍ରତ୍ୟେକ ମଣିଷ କର୍ମଫଳ ଭୋଗକରେ ।"

"ପିଲାଦିନେ କରିଥିଲି ? ସେଥିପାଇଁ ଏପରି ଦଣ୍ଡ ଦେଇଛ ? ବାଲ୍ୟକାଳରେ ମଣିଷ ଅଜ୍ଞତା ବଶତଃ ବହୁତ କିଛି କରିଥାଏ । ସେପାଇଁ ଏପରି କଠୋର ଦଣ୍ଡ ! ଶୁଣନ୍ତୁ ଧର୍ମରାଜ ! ମୁଁ ତୁମକୁ ଅଭିଶାପ ଦେଉଛି, ତୁମେ ମଣିଷ ରୂପେ ପୃଥିବୀରେ ଜନ୍ମଗ୍ରହଣ କରିବ ଓ ମୃତ୍ୟୁ ଯନ୍ତଣା କ'ଣ ଜାଣିବ ।" - କହିଲେ ମାଣ୍ଡବ୍ୟ ।

ମାଣ୍ଡବ୍ୟଙ୍କର ଅଭିଶାପ ଫଳିଲା । ଧର୍ମରାଜ ବିଦୁର ନାମଧରି ମର୍ତ୍ତ୍ୟରେ ଜନ୍ମ ହେଲେ । ବିଚିତ୍ରବୀର୍ଯ୍ୟଙ୍କର ପତ୍ନୀ ଅମ୍ବାଳିକାର ଦାସୀ ଠାରୁ ତାଙ୍କର ଜନ୍ମ । ତେଣୁ କେତେକ ତାଙ୍କୁ ଦାସୀପୁତ୍ର କହନ୍ତି ।

ବିଦୁର ହେଉଛନ୍ତି ଧର୍ମରାଜଙ୍କ ଅବତାର - ଏହି କଥା ଦର୍ଶେଇବାକୁ ଉପରୋକ୍ତ କାହାଣୀଟି କୁହାଗଲା । ପୃଥିବୀର ସବୁ ବଡ ମଣିଷମାନେ ତାଙ୍କୁ ମହାତ୍ମା ବିଦୁର କହିଥାନ୍ତି । କାରଣ ଶାସ୍ତ୍ରଜ୍ଞାନ ଓ ରାଷ୍ଟ୍ରନୀତିରେ ତାଙ୍କର ଗଭୀର ପ୍ରବେଶ ଥିଲା । ତା'ଛଡା କ୍ରୋଧ ଈର୍ଷା ଆବେଗ ଉପରେ ସେ ବିଜୟଲାଭ କରିଥିଲେ । ସେହି କାରଣରୁ, ରାଜା ଧୃତରାଷ୍ଟ୍ରଙ୍କର ମୁଖ୍ୟ ପରାମର୍ଶଦାତା ଭାବେ ତାଙ୍କୁ ନିଯୁକ୍ତି ଦେଇଥିଲେ ଭୀଷ୍ମ ।

ବ୍ୟାସ ନିଜେ ସ୍ୱୀକାର କରିଛନ୍ତି, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ବିଦୁର ସମ ଜ୍ଞାନୀ ଓ ସତ୍ୟର ପୂଜାରୀ କେହି ନାହାଁନ୍ତି ।

ଯେତେବେଳେ ଧୃତରାଷ୍ଟ୍ର ପଶାଖେଳ ପାଇଁ ଅନୁମତି ଦେଲେ, ବିଦୁର ତାଙ୍କ ପାଦତଳେ ପଡି କହିଲେ, "ହେ ପ୍ରଭୁ ଏ କ'ଣ କଲେ ! ମୁଁ ଜାଣିପାରୁଛି, ଏହି ପଶାଖେଳ ଭାଇମାନଙ୍କ ମଧ୍ୟରେ ଅବିଶ୍ୱାସ ଓ ଶତ୍ରୁତା ସୃଷ୍ଟି କରିବ । ମୁଖ୍ୟ ପରାମର୍ଶଦାତା ଭାବରେ ମୁଁ ଏହାକୁ ଗ୍ରହଣ କରିପାରୁନାହିଁ । ଦୟାକରି ବନ୍ଦ କରନ୍ତୁ ଏହି ପଶାଖେଳ ।"

ଧୃତରାଷ୍ଟ୍ର ବିଦୁରଙ୍କ ପରାମର୍ଶ ଗ୍ରହଣ କଲେ ଓ ଦୁର୍ଯ୍ୟୋଧନକୁ ବହୁବାର ବୁଝେଇଲେ ପଶା ନଖେଳିବାକୁ, କିନ୍ତୁ ଦୁର୍ଯ୍ୟୋଧନ ଜିଦ୍‌ରେ ଅଟଳ ରହିଲେ । ପଶାଖେଳ ହେବ ହିଁ ହେବ - ସେ କହିଲେ ଧୃତରାଷ୍ଟ୍ରଙ୍କୁ । ପୁତ୍ର ସ୍ନେହରେ ଅନ୍ଧ ଧୃତରାଷ୍ଟ୍ର ବାଧ ହୋଇ ଅନୁମତି ଦେଲେ ।

ଫଳତଃ, ଯୁଧିଷ୍ଠିରଙ୍କ ପାଖକୁ ପଶାଖେଳ ପାଇଁ ଆନୁଷ୍ଠାନିକ ନିମନ୍ତ୍ରଣ ପଠାଗଲା । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଶାମ୍ବ ଦଶମୀ ଆସିଛି ମିତ

*ରାମଚନ୍ଦ୍ର ବେହେରା*

ପଉଷ ମାସ ଶୁକ୍ଳ ଦଶମୀ
ଆସିଛି ଆଜି ମିତ
ଶାମ୍ବ ଦଶମୀ ପାଳିବା ପାଇଁ
ସରବେ ଆନନ୍ଦିତ
ପ୍ରାତଃ ମଧ୍ୟାହ୍ନ ସନ୍ଧ୍ୟା କାଳରେ
ହୋଇବ ପୂଜା ନୀତି
ସୂର୍ଯ୍ୟଦେବଙ୍କୁ ସର୍ବେ ପୂଜିବେ
ପରାଣେ ରଖି ଭକ୍ତି
କ୍ଷୀର ମିଷ୍ଟାନ୍ନ ଫଳ ଓ ମୂଳ
ମଣ୍ଡା କାକରା ଗଜା
ଖିରି ଚିତଉ ବୁଢା ଚକୁଳି
ପ୍ରସାଦ ହେବ ଖଞ୍ଜା
ଏଣ୍ଡୁରି ପିଠା ଘାଣ୍ଟ ତିଅଣ
ବାସିବ ଘରେ ଘରେ
ପିଲାଏ ମିଶି ଖାଇବେ ଭୋଗ
ମଧ୍ୟାହ୍ନ ନୀତି ପରେ
ସୂର୍ଯ୍ୟଦେବତା ଶକ୍ତିର ଉତ୍ସ
ହୋଇଲେ ସିଏ ତୋଷ
ରୋଗ ବ୍ୟାଧିରୁ ମିଳିବ ମୁକ୍ତି
ଫୁଟିବ ମୁଖେ ହସ
ଆସରେ ସର୍ବେ ଶାମ୍ବ ଦଶମୀ
ପାଳିବା ଭକ୍ତି ଚିତ୍ତେ
ସୂର୍ଯ୍ୟଦେବଙ୍କୁ ସୁମରି ହୃଦେ
ପୂଜିବା ବିଧି ମତେ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*

# ଆସିଲା ନୂଆ ବରଷ

*ପ୍ରଫୁଲ୍ଲ କୁମାର ସାହୁ*

ଥିରି ଥିରି ଶୀତ ଆସି
ଚୁପି ଚୁପି କହିଲା,
ଆସିଲା ନୂଆ ବରଷ
ଦେଖ ରାତି ପାହିଲା ।୧

ଚୁନି ଚୁନି ଫୁଲ ଫୁଟି
ଭୁରୁ ଭୁରୁ ବାସିଲା,
ସୁନେଲି ଖରାରେ ଦେଖ
ଚଉଦିଗ ହସିଲା ।୨

ଟିକି ଟିକି ପକ୍ଷୀ ଦଳ
ଉଡ଼ି ଉଡ଼ି ଆକାଶେ,
କହିଲେ ଉଠରେ ପିଲେ
ଆସ ମନ ହରଷେ ।୩

ବୁଲି ବୁଲି ସାଥୀ ମେଳେ
ଚାଲି ଚାଲି ବାଟରେ,
ମିଠା ମିଠା କଥା କହି
ଦେବା ଖୁସି ବାଣ୍ଟିରେ ।୪

ହସି ହସି ହସାଇବା
ଖେଳି ଖେଳି ସଭିଙ୍କୁ,
ଆସିଲା ନୂଆ ବରଷ
ହସ ଖୁସି ଦେବାକୁ ।୫

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,*
*ଶକ୍ତି ବିହାର/ବାଲିପଡ଼ା,*
*ମାହାଙ୍ଗା, କଟକ-୭୫୪୨୦୭,*
*ମୋ- ୭୬୦୯୦୪୪୩୮୩*

# ଭୁଲି ଯିବା ନାହିଁ ଆମ ପରମ୍ପରା

*ସୁରମା ମିଶ୍ର*



ମକର ସଂକ୍ରାନ୍ତି ଆସୁଛି
ମୁଣ୍ଡ ମୋ ଚକ୍କର ଖାଉଛି
କିପରି ଯାଇ ମୁଁ ଗୁଡ଼ି ଉଡ଼ାଇବି
ସେଇ କଥା ମନେ ଭାବୁଛି

ବାପାଙ୍କର କଡା ଶାସନ
ସବୁ କଥାରେ ତ ବାରଣ
ଘର ବାହାରକୁ ନ ବାହାରିବାକୁ
କହିଛନ୍ତି ଦେଇ ସେ ରାଣ

ବୋଉ କୋଳେ ଯାଇ ବସିଲି
ଗେଲେଇ ତାକୁ ମୁଁ କହିଲି
ବାପାଙ୍କୁ ଟିକିଏ ବୁଝାଇ କହ ଲୋ
ଥରୁଟିଏ ମୁଁ ଆସିବି ବୁଲି

ସାଙ୍ଗ ସାଥି ସବୁ ମିଶି
ଗାଆଁ ପଡିଆକୁ ଆସି
ମନ ଖୁସିରେ ସେ ଗୁଡ଼ି ଉଡ଼ାଇବେ
ଦୁଃଖରେ ମୁଁ ଥିବିଲୋ ବସି

ବୋଉ କହିଲେ ମୋ ଧନରେ
ବାପାଙ୍କ କଥା ତୁ ମାନରେ
ଗୁଡ଼ି ଉଡ଼ା ବେଳେ ସତର୍କ ନ ହେଲେ
ଘଟିଯିବ ଅଘଟଣରେ

ସାଙ୍ଗ ମାନଙ୍କୁ ତୁ ଡାକିବୁ
ଛାତରେ ଗୁଡ଼ି ଉଡ଼ାଇବୁ
ହସଖୁସି ମଜା ମଜଲିସ କରି
ଗୁଡ଼ିଉଡା ପର୍ବ ପାଳିବୁ

ବୋଉ କଥା ମୁନା ମାନିଲା
ସୁନା ପିଲାଟିଏ ହୋଇଲା
ବାପାଙ୍କ ସାଥିରେ ବଜାରକୁ ଯାଇ
ଭଲିଭଲି ଗୁଡ଼ି କିଣିଲା

ସକାଳୁ ମୋ ବୋଉ ଗାଧୋଇ
ନାନାଜାତି ଫଳ ପକାଇ
ମକର ଚଉଳ କରି ସେ ବାଣ୍ଟଇ
ଠାକୁରଙ୍କୁ ଭୋଗ ଲଗାଇ

ମକରଠୁ ଦିନ ବଢିବ
ରାତି କ୍ରମେ ଛୋଟ ହୋଇବ
ଶୀତର ପ୍ରକୋପ କମିକମି ଯିବ
ଖରାଟା ଦେହକୁ କାଟିବ

ମକରଟି ଗଣ ପର୍ବରେ
ଏ ପର୍ବ ଆମର ଗର୍ବରେ
ଭୂଲିଯିବା ନାହିଁ ଆମ ପରମ୍ପରା
ଖୁସି ମନରେ ପାଳିବରେ ।

*ବିଏଲ-୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*୯୮୫୩୩୪୩୯୬୫*

# ନୂଆ ବରଷ

*ରମାକାନ୍ତ ଦାସ*



ନୂତନ ବରଷେ ନୂତନ ପରଶେ
ଆସିଛି ନୂଆ ବରଷ
ମନରେ ଭରିଛି ନୂଆ ସମ୍ଭାବନା
ଓଠରେ ଫୁଟାଏ ହସ

ଶୀତବସ୍ତ୍ର ପିନ୍ଧି ହସେ ବସୁନ୍ଧରା
ନୂଆ ସକାଳର ସ୍ପର୍ଶରେ
ମନରେ ଭରଇ ନୂଆ ଉନ୍ମାଦନା
ନବବର୍ଷର ନବ ଦିବସରେ

ସବୁ ଦୁଃଖ କଷ୍ଟ ଅପସରି ଯାଉ
ସଭିଙ୍କ ଜୀବନରୁ
ପୂର୍ଣ୍ଣ ହେଉ ଆଶା ହେଉ ଖୁସି ବର୍ଷା
ମହାପ୍ରଭୁଙ୍କ କୃପାରୁ

ସୁଲୁ ସୁଲୁ ବାଆ ଶୀତଳ ପରଶେ
ନୂଆ ବରଷ ଆସିଛି
ସବୁଜ ଘାସରେ କାକର ଟୋପା
ମୁକୁତା ପରି ଦିଶୁଛି

ଥିରି ଥିରି ବହେ ଉତ୍ତରା ପବନ
ଚରିଆଡେ ପଡ଼େ ନୂଆଖରା

ନବ ପ୍ରଭାତର ପହିଲି କିରଣେ
ସୁନ୍ଦର ଦିଶଇ ଧରା

ଭିଜା ସକାଳରେ ଦୂର ଗଗନରେ
ହସୁଛି ସବିତା ରାଣୀ
ଧରଣୀ ପିନ୍ଧିଛି ଶ୍ୱେତରଙ୍ଗ ଶାଢ଼ି
ଟାଣିଛି କୁହୁଡି ଓଢ଼ଣୀ

ସବୁ ମନେ ଭରୁ ସ୍ନେହ ଶ୍ରଦ୍ଧା ପ୍ରେମ
ପୂର୍ଣ୍ଣ ହେଉ ସବୁ ସପନ
ଭାବନା କାମନା ହେଉ ପରିପୂର୍ଣ୍ଣ
ଖୁସିରେ ବିତୁ ସଭିଙ୍କ ଜୀବନ ।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*

# ନୂଆ ବରଷରେ ଶପଥ ନେବା

*ସୁଜିତ କୁମାର ମିଶ୍ର*



ନୂଆ ବରଷରେ ଶପଥ ନେବା,
ଭଲ ମଣିଷଟେ ସଂସାରେ ହେବା
ସଅଳ ସଅଳ ଶେଜ ଛାଡିବା,
ନିତ୍ୟକର୍ମ ସାରି ପଢି ବସିବା
ଗାଧୋଇବା ହୋଇ ସଫାସୁତୁର,
ବିଦ୍ୟାଳୟ ଯିବା ଖାଇ ଏଥର
ଘରକୁ ଫେରିବା ଛୁଟି ହୋଇଲେ,
ଖେଳିବା ବୁଲିବା ସାଥୀଙ୍କ ମେଳେ
ପ୍ରାର୍ଥନା କରିବା ତାପରେ ଯାଇ,
ପଢିବା ଲେଖିବା ମନ ଲଗାଇ
ଖାଇସାରି ପୁଣି ଶୋଇ ପଡିବା,
ସୁନାପିଲାଟିଏ ଏପରି ହେବା ।

*ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

# ହେବା ନାହିଁ ଆତଙ୍କିତ

*ସୁଧାକର ରାଉତ*



ଦିନୁ ଦିନୁ କୋପ ବଢାଇ ଶୀତ
ଚରିଆଡେ ନାଚି ଗାଉଛି ଗୀତ
ତା ସଂଗେ ଭୂତାଣୁ ଭୟ
ମନେ ଭରିଦିଏ କରୋନା ଭାବନା
ନ ହୋଇଣ କ୍ଷଣେ ଥୟ
ଏବେ ଧିରେ ଧିରେ ମେଲୁଛି କୁଆଁ
ପରେ ପୁଣି ସେ ଲଗାଇବ ନିଆଁ
ଅସମ୍ଭବ ତାର ଡିଆଁ
ଭିତରେ ଭିତରେ ଜଳି କୁହୁଳୁଛି
କି ଭୟଙ୍କର ତା ଛୁଆଁ
ସବୁରି ମୂଳ ଅଟେ ପରା ଚୀନ
ନଚାଏ ଧରାକୁ ତାଧିନି ଧିନ
ନାଟ ଗୋବର୍ଦ୍ଧନ ସିଏ
ସବୁ ସଂକ୍ରମଣ ସୃଷ୍ଟି କରି ସିଏ
ପରାଭବ ତାର ପାଏ
ଆତଙ୍କିତ ଆମେ ନହୋଇ କେବେ
ସତର୍କ ସଚେତନ ହେବା ଏବେ
ହାତ ମୁହଁ ଧୋଇ ସଦା
କରୋନା ଭଳି ଏହି ଭୂତାଣୁକୁ ବି
କରି ଦେବା ଶୀଘ୍ର ବିଦା
ଥଣ୍ଡା, କାଶ, ଜ୍ୱରକୁ ମୂଳ ଜାଣି
ବିପଦର ହେତୁ ଏହାକୁ ମଣି
ବ୍ୟବହାର କରି ମୁଖା
ସର୍ବସାଧାରଣ ସ୍ଥାନୁ ଦୂରେ ରହି
ପାଇବାଟି ନିଶ୍ଚେ ରକ୍ଷା
ଶେଷେ କହିଲେ ଅଜା ମୋର କଥା
ନ ମାନିଲେ ପରେ ଭୋଗିବ ବ୍ୟଥା
ଗୁଜବଠୁ ରହି ଦୂରେ
ମିଳିମିଶି ସର୍ବେ ଦୃଢମନା ହେଲେ
ଭୂତାଣୁ କି କରି ପାରେ ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

# ଶୀତ ଦିନ ଖରା

*କୀର୍ତ୍ତନ ସାହୁ*

ଶୀତ ଦିନ ଖରା ଭାରି ମିଠା ମିଠା
ଦେହକୁ ଆରାମ ଦିଏ
ଶୀତ ଦେଇଥିବା ଦୁଃଖ କଷ୍ଟ ଯେତେ
ଅଚିରେ ସେ ହରି ନିଏ

ସକାଳ ଖରାରେ ପାଠ ପଢ଼ିବାକୁ
କେଡ଼େ ମଜା ଆହା ଲାଗେ
ଅଧା ଖରା ଅଧା ଛାଇରେ ଆମେରେ
ବସି ଯାନ୍ତି ବଡ ବାଗେ

କୁନି ପୁଅ ଦେହେ ତେଲ ମାରିଥାନ୍ତି
କୋଳରେ ଶୁଆଇ ଦେଇ
ରେଜେଇ କମ୍ବଳ ଶୁଖେଇ ଦିଅନ୍ତି
ଖରାକୁ ସଅଳେ ନେଇ

ଖରା ପିଠି କରି କାମ କରୁ ଥିଲେ
ଶୀତ ପାଖେ ରହେ ନାହିଁ
କୃଷକ ଭାଇର କାମେ ମନ ଲାଗେ
ଶୀତ ଦିନ ଖରା ପାଇ

ଯେତେ ଖରା ଅଛି ଶୀତ ଦିନ ଖରା
ଭାରି ମଜା ମଜା ଲାଗେ
ଯିଏ ବି ଯେଉଁଠି କାମ କରୁଥାଉ
ମନରେ ସରାଗ ଜାଗେ ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ବସିଲା ଶୀତ ହାଟ

*ନୀଳମଣି ଚନ୍ଦ*



ଥଣ୍ଡା ତ ପାଗ ଥଣ୍ଡାଟି ପାଣି
ଥଣ୍ଡା ଉତ୍ତରା ବାଆ
ପଡ଼େ କାକର, କୁହୁଡ଼ି ଏବେ
ଦେଖ କହିଲେ ମାଆ

ଖରା ଗରମ ନିଆଁ ଗରମ
ଗରମ ଶୀତବସ୍ତ୍ର
ଶୀତ ସାଥିରେ ଲଢ଼େଇ ପାଇଁ
ସିଏ ଯେମିତି ଅସ୍ତ୍ର

ଫୁଲ ସୋରିଷ, ଫୁଲଟି ଗେଣ୍ଡୁ
ଫୁଟଇ ସୂର୍ଯ୍ୟମୁଖୀ

ଫୁଲ ଟଗର ପାରୁନି ଫୁଟି
ତେଣୁ ହୋଇଛି ଦୁଃଖୀ

ଡାକେ ଚିଲିକା, ଡାକେ ଅଂଶୁପା
ଡାକେ ମଙ୍ଗଳାଯୋଡ଼ି
ବିଦେଶୀ ପକ୍ଷୀ ନଳବଣକୁ
ଯାଅରେ ବେଗି ଉଡ଼ି

ଉଲ ହାଟ, ପରିବା ହାଟ
ବସିବ ବହି ହାଟ
ଧରାକୁ ଆସି ଶରତ ପରେ
ବସିଲା ଶୀତ ହାଟ ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଉଡ଼ି ଉଡ଼ି ଯାଆ ମୋର ଗୁଡ଼ି

*ନଳିନୀ ଦାଶ*



ଉଡ଼ି ଉଡ଼ି ଯାଆ ମୋର
ଗୁଡ଼ି ପବନରେ
ତତେ ଦେଖି ମନେ ମୋର
କେତେ ଖୁସି ଭରେ
ନାଲି ନେଳି କାଗଜରେ
ତତେ ତିଆରିଛି
ହାତରେ ନଟେଇ ଧରି
ସୂତା ବାନ୍ଧିଅଛି
ପାଠ ପଢ଼ା ସାରି ଦେଇ
ଗାଆଁ ପିଲା ମେଳେ
ପଡ଼ିଆରେ ଗୁଡ଼ି ଛାଡେ
କେତେ କଉଶଳେ
ନୀଳ ଗଗନକୁ ଛୁଇଁ
ଗୁଡ଼ି ଉଡୁଥିବୁ
ମୋ ମନରେ ଖୁସି ଭରି
ହସାଇ ତୁ ଦେବୁ
ଇଚ୍ଛା ମୋର ଉଡ଼ିଯାନ୍ତି
ମୁଁ ତୋର ସାଥିରେ
ପାଦଥାପି ହସୁଥାନ୍ତି
ଜହ୍ନ ରାଇଜରେ
ଉଡ଼ି ଯାଆ ଗୁଡ଼ି ମୋର
ସବୁ ଭୁଲି ଦୁଃଖ
ବାଣ୍ଟି ଦେଏ ସ୍ନେହ ଶାନ୍ତି
ପ୍ରତି ମନେ ସୁଖ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ଆ' କରିବା ବଣଭୋଜି

*ମହେନ୍ଦ୍ର କୁମାର ଘଡ଼େଇ*



ସାଥୀ ମେଳରେ ଡାକେ କେ' ଆ'
କରିବା ବଣଭୋଜି
କଳା କୀରତି ମନ୍ଦିର ହ୍ରଦ
ପ୍ରକୃତି ଦୃଶ୍ୟରାଜି
ପୁରାଣ ଲୋକକଥାରୁ ଯାହା
ଆମେରେ ଅଛେ ଶୁଣି
ଜାତିର ଇତିହାସ ସାଇତା
କାମେ ଲାଗିବା ପୁଣି
ବୁଲି ଦେଖିବା ଦେଖି ଶିଖିବା
ତାକୁ ଲଗାଇ କାମେ
ନୂଆ ସନ୍ଧାନୀ ପଥେ ଗରବ
ତୋଳିବା ନିଜ ନାମେ
ଅଳସ ବଡ଼ ବଇରୀ ଜାଣି
ଦୂରେ ରହିବା ପାଇଁ
ଭେଲ ବରଜି ସଅଳ ବାଜି
ଜିଣିବା ପଣ ନେଇ

ବୁଲା ମଉଜ ଭୋଜି ପଛକୁ
ଅଳିଆ ସଫା କରି
ପରିବେଶର ସ୍ୱଚ୍ଛ ସଜଡ଼ା
କରିବା ସାଥୀ ଧରି
କଞ୍ଚା ଗଛରେ ନଦେଇ ହାତ
ରୋପିବା ନୂଆ ଚରା
ସେ ଚରା ବଢି ଆମରି ହିତେ
ହସାଇବ ଏ ଧରା
ଖାଲି ହାତରେ ଏସବୁ କାମ
ଉଠି ପାରେନି ଛାଁ
ନିର୍ମଳ ମନ ପରାଣ ଠେଲି
କହେ କରିବୁ ଯା'
ଶୁଭ ମନରେ ଶୁଭ କରମ
ସାଇଁ ହାତର ଦାନ
ତାହା ଭିତରେ ସଫଳ ସିଦ୍ଧି
ଚଢ଼ାରେ ବଳା ମନ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*





## ସୁବର୍ଣ୍ଣପୁର ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନ ମୋହିଲେ ସୋନପୁରର ଓଡ଼ିଶୀ ନୃତ୍ୟ ଶିଳ୍ପୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୁବର୍ଣ୍ଣ ଲୋକ ମହୋତ୍ସବ ଓ ଜିଲ୍ଲା ସ୍ତରୀୟ ପଲ୍ଲୀଶ୍ରୀ ମେଳାର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମକୁ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରି ସୁବର୍ଣ୍ଣପୁରର କଳା ସଂସ୍କୃତି ପର୍ଯ୍ୟଟନ, ନୌବାଣିଜ୍ୟ ଗାଥା ଓ ପାଟ ଶିଳ୍ପ ଦେଶ ବିଦେଶରେ ଖ୍ୟାତି ଲାଭ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଏସ୍‌ପି ରାମ ପ୍ରସାଦ ସାହୁ ଯୋଗ ଦେଇ ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଜିଲ୍ଲାରେ ଯୋଗ ଦେବା ପରେ ମୁଁ ଏ ତନ୍ତ୍ର ମନ୍ତ୍ର ଯନ୍ତ୍ର ପୀଠ ଓ ଲୋକଙ୍କ ଆଚାର ବ୍ୟବହାରରେ ଅଭିଭୂତ ହୋଇଛି ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ସାଂସ୍କୃତିକ ସଭାକୁ କବି ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିଲେ। ଏଡିଏମ୍ ଅଞ୍ଜଳିନା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ସୋନପୁର ସଂଗୀତ ମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟ, ମଥୁରା, କୋରାପୁଟ, ରାଜସ୍ଥାନ, କଳାକାରଙ୍କ ନାଚ ଗୀତକୁ ହଜାର ହଜାର ଦର୍ଶକ ବିଳମ୍ବିତ ରାତି ଯାଏ ଉପଭୋଗ କରିଥିଲେ।

# ରାଜଧାନୀରେ ଦିବାଲୋକରେ ହତ୍ୟାକାଣ୍ଡ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ବୁଧବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଦେଶ ବିଦେଶରୁ ପ୍ରବାସୀ ଭାରତୀୟମାନେ ଓଡ଼ିଶାରେ ଏକତ୍ରିତ ହୋଇଛନ୍ତି। ଏହା ନିଶ୍ଚିତ ଭାବେ ଓଡ଼ିଶା ପାଇଁ ଏକ ସୌଭାଗ୍ୟର କଥା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ପ୍ରବାସୀ ଭାରତୀୟମାନଙ୍କୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି, ଯାହା ରାଜ୍ୟବାସୀଙ୍କ ଚିନ୍ତାର କାରଣ ହୋଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବିଧାୟକ ତଥା ମୁଖପାତ୍ର ଶ୍ରୀ ଗୌତମବୁଦ୍ଧ ଦାସ ଓ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି।

ରାଜଧାନୀ ଭୁବନେଶ୍ୱରରେ ଯେତେବେଳେ ପ୍ରବାସୀ ଭାରତୀୟ ଦିବସ ପାଇଁ ସାତ ହଜାରରୁ ଊର୍ଦ୍ଧ୍ୱ ଅତିଥି ଉପସ୍ଥିତ ଅଛନ୍ତି ଠିକ ସେତିକିବେଳେ ରାଜଧାନୀ ଛାତି ଉପରେ ଏକ ଜଘନ୍ୟ ହତ୍ୟା ଘଟଣା ଘଟିଛି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ସଫେଇ କର୍ମଚାରୀ ସଙ୍ଘର ସଭାପତି ଓ ଜଣେ ପୋଲିସ ମିତ୍ର। ଜାତୀୟ ରାଜପଥ ଉପରେ ସ୍ପଷ୍ଟ ଦିବାଲୋକରେ ଜଣେ ପୋଲିସ ମିତ୍ରଙ୍କ ହତ୍ୟା ଘଟୁଛି କିନ୍ତୁ ପୋଲିସ ଜାଣିପାରୁନି। ଗତ ସାତ ମାସରେ ନୂଆ ସରକାର ଦାୟିତ୍ୱ ନେବା ପରେ ରାଜ୍ୟରେ ଅପରାଧ ବଢ଼ିବଢ଼ି ଚାଲିଛି। ତେଣୁ ଏଭଳି ଆଇନ ଶୃଙ୍ଖଳା ସ୍ଥିତିରେ ଆମେ ପ୍ରବାସୀ ଭାରତୀୟମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିବା, ସେ ନେଇ ସନ୍ଦେହ ରହିଛି ବୋଲି ଶ୍ରୀ ଦାସ କହିଥିଲେ।

ସେହିଭଳି ଡ. ଲେନିନ ମହାନ୍ତି କହିଥିଲେ, ରାଜ୍ୟରେ ଏଗାର ଦିନରେ ଏଗାର ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଫସଲହାନି ହୋଇଛି, ଯାହା ଚାଷୀ ସମାଜର ମେରୁଦଣ୍ଡ ଭାଙ୍ଗି ଦେଇଛି। କେଉଁଠି ନା କେଉଁଠି ଚାଷୀ ସମାଜ ସରକାରଙ୍କ ଉପରେ ଭରସା କରି ପାରୁନାହାନ୍ତି।

ଡ. ମହାନ୍ତି ଆହୁରି ମଧ୍ୟ କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ସମ୍ବଲପୁର ଜିଲ୍ଲାରେ ଦୁଇ ଜଣ ବିଜେପି ନେତାଙ୍କ ହତ୍ୟା ଭଳି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଇଛି। ରାଜଧାନୀ ଭୁବନେଶ୍ୱରରେ ଦିବାଲୋକରେ ମୁଣ୍ଡରୁ ଗଣ୍ଡି ଅଲଗା କରି ହତ୍ୟାକାଣ୍ଡ ଘଟିବା ନିଶ୍ଚିତ ଭାବେ ଏକ ବିରଳ ଘଟଣା। ତାଛଡ଼ା ଭୁବନେଶ୍ୱରରେ ହତ୍ୟା, ଛିନତାଇ ଭଳି ଘଟଣା ମଧ୍ୟ ନିୟମିତ ଭାବେ ଘଟି ଚାଲିଛି। ମହିଳାଙ୍କ ବିରୋଧରେ ଅପରାଧ ମଧ୍ୟ ଚିନ୍ତାଜନକ ସ୍ଥିତିରେ ରହିଛି। ସେହିଭଳି ଭାବେ ଡିସେମ୍ବର ୧୨ ତାରିଖରେ ସୁନ୍ଦରଗଡ଼ରେ ମହିଳାଙ୍କୁ ହତ୍ୟା କରି ଖଣ୍ଡଖଣ୍ଡ କରି ଫିଙ୍ଗିଦେବା, ଡିସେମ୍ବର ୧୩ ତାରିଖରେ କଟକରେ ଜଣେ ୩୫ ବର୍ଷୀୟ ମହିଳାଙ୍କୁ ହତ୍ୟା, ଡିସେମ୍ବର ୧୬ରେ ଏକ ୧୩ ବର୍ଷ ବୟସର ନାବାଳକଙ୍କୁ ଅପହରଣ ଓ ହତ୍ୟା, ନଭେମ୍ବର ୭ରେ ସମ୍ବଲପୁରରେ ମା' ଓ ଝିଅଙ୍କୁ ପୋଡ଼ି ଦେଇ ହତ୍ୟା, ଗାଡି ପାର୍କିଂକୁ ନେଇ ଦୁଇ ଜଣଙ୍କୁ ଭୁବନେଶ୍ୱରର ହତ୍ୟା ଓ ରେମୁଣାରେ ଆଦିବାସୀ ନାବାଳିକାଙ୍କୁ ଧର୍ଷଣ ପରେ ହତ୍ୟା ଆଦି ସମ୍ବେଦନଶୀଳ ଘଟଣାଗୁଡିକର ଉଲ୍ଲେଖ କରି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସଂପର୍କରେ ଡ. ମହାନ୍ତି କହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପହଞ୍ଚିଲେ ପ୍ରଧାନମନ୍ତ୍ରୀ...

ହୋଇଥିବା 'ପ୍ରବାସୀ ଭାରତୀୟ ଦିବସ' ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ। ଏହାପରେ ୪ଟି ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ସେଗୁଡ଼ିକ ହେଲା ବିଶ୍ୱରୂପ ରାମ: ଦ ୟୁନିଭର୍ସାଲ ଲିଗାସି ଅଫ୍ ରାମାୟଣ, ବୈଷୟିକ ଜ୍ଞାନ ପାଇଁ ପ୍ରବାସୀଙ୍କ ଅବଦାନ, ଭାରତ ଭାରତୀୟ: ସ୍ୱଦେଶ ପ୍ରଦେଶ, ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରଦର୍ଶନୀ। ଏହା ସହ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ'ର ଉଦ୍‌ଘାଟନ କରାଯିବ। ଅପରାହ୍ନରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଏକ ପୂର୍ଣ୍ଣାଙ୍ଗ ଅଧିବେଶନ ହେବ। ଏଥିରେ ସବୁଜ ସଂଯୋଗ: ନିରନ୍ତର ବିକାଶରେ ପ୍ରବାସୀଙ୍କ ଅବଦାନ ଉପରେ ଆଲୋଚନା ହେବ। ଉଦ୍‌ଯାପନୀ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୭ଜଣଙ୍କୁ 'ପ୍ରବାସୀ ଭାରତୀୟ ସମ୍ମାନ' ପୁରସ୍କାରରେ ସମ୍ମାନିତ କରିବେ। ଏହା ପୂର୍ବରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ପୂର୍ଣ୍ଣାଙ୍ଗ ଅଧିବେଶନରେ 'ପ୍ରବାସୀ ଭାରତୀୟ ସଂଳାପ: ସଂସ୍କୃତି, ସଂଯୋଗ ଓ ସମ୍ପର୍କର କାହାଣୀ' ଉପରେ ଆଲୋଚନା ହେବ। ସେହିପରି ଏହି ତିନି ଦିନରେ ବିଭିନ୍ନ କେନ୍ଦ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୫ଟି ପୂର୍ଣ୍ଣାଙ୍ଗ ଅଧିବେଶନ ହେବ। ସୂଚନାଯୋଗ୍ୟ ଯେ, ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବାକୁ ବୁଧବାର ସକାଳ ସୁଦ୍ଧା ପ୍ରାୟ ଅଢ଼େଇ ହଜାର ପ୍ରବାସୀଙ୍କ ସମେତ ମୋଟ୍ ୬ ହଜାର ଜଣ ପଞ୍ଜୀକରଣ କରିଛନ୍ତି।

## ଓଡ଼ିଶାରେ ପୁଞ୍ଜି ବିନିଯୋଗର...

ବିକାଶର ଇଞ୍ଜିନ' ଭାବେ ଉଭା ହେଉଛି । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡିଶା 'ସମୃଦ୍ଧ ଓଡିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟକୁ ହାସଲ କରିବାକୁ ତାର ଭୂମିକା ନିର୍ବାହ କରୁଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡିଶାର ପରିବର୍ତ୍ତନ ପାଇଁ ରୋଡମ୍ୟାପ ଓ ରାଜ୍ୟର କୌଶଳତମ ପୁଞ୍ଜି ବିନିଯୋଗ ସମ୍ଭାବନା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଓଡ଼ିଶା ଭାରତର ଦ୍ୱିତୀୟ ସର୍ବାଧିକ ଖଣିଜ ସମୃଦ୍ଧ ରାଜ୍ୟ, ଯାହା ଶିଳ୍ପକ୍ଷେତ୍ର ପାଇଁ ବିଶାଳ ସୁଯୋଗ ପ୍ରଦାନ କରେ । ରାଜ୍ୟରେ ସ୍ଥିର ଆଇନ-ଶୃଙ୍ଖଳା, ସାମାଜିକ ଶାନ୍ତିପୂର୍ଣ୍ଣ ପରିବେଶ ଓ ରାଜନୈତିକ ସ୍ଥିରତା ରହିଛି। ଜାତୀୟ ରାଜପଥ, ରେଳପଥ ଏବଂ ୩ଟି କାର୍ଯ୍ୟକ୍ଷମ ବନ୍ଦର, ୨ଟି ମୁଖ୍ୟ ଏୟାରପୋର୍ଟ ଏବଂ ବିକାଶରେ ଥିବା ଅନେକ ପ୍ରକଳ୍ପ ସହିତ ଓଡିଶା ସମ୍ପୂର୍ଣ୍ଣ ସଂଯୋଗ ସୁବିଧା ପ୍ରଦାନ କରୁଅଛି । ମୁଖ୍ୟମନ୍ତ୍ରୀ ଆହୁରୀ କହିଥିଲେ ଯେ ଓଡିଶା 'ଉତ୍କର୍ଷ ଓଡିଶା: ମେକ୍ ଇନ୍ ଓଡିଶା କନକ୍ଲେଭ୍ ୨୦୨୫'ର ପ୍ରସ୍ତୁତି କରୁଛି। ସେ ସମସ୍ତଙ୍କୁ ଏହି ଯାତ୍ରାରେ ଯୋଗଦେବାକୁ ଆହ୍ୱାନ କରିଛନ୍ତି ।

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଯୁବ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ସମ୍ବୋଧିତ କରି ପ୍ରବାସୀମାନଙ୍କୁ ଏକ ପ୍ରଭାବଶାଳୀ ବାର୍ତ୍ତା ଦେଇଛନ୍ତି । ଏକ ବିକଶିତ ଏବଂ ସମୃଦ୍ଧ ଭାରତ ଗଠନରେ ସହଯୋଗ କରିବା ପାଇଁ ବିଦେଶରୁ ନିଜର ଅଭିଜ୍ଞତା ଏବଂ ସର୍ବୋତ୍ତମ କାର୍ଯ୍ୟ ପଦ୍ଧତି ନେଇ ଆସିବା ପାଇଁ ସେ ପ୍ରବାସୀମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ରକ୍ଷା ନିଖିଲ ଖଡ଼ସେ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ଡକ୍ଟର ମାଣ୍ଡଭୀୟ କହିଥିଲେ, ଭାରତର ଭବିଷ୍ୟତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହା ଆଜାଦୀ କା ଅମୃତ ମହୋତ୍ସବ ଅଧୀନରେ ଭାରତର ସ୍ୱାଧୀନତା ପ୍ରାପ୍ତିକୁ ୭୫ ବର୍ଷ ପୂର୍ତ୍ତି ଆକାରରେ ରେଖାଙ୍କିତ ହୋଇଛି । ଏକ ବିକଶିତ ରାଷ୍ଟ୍ରର ଏହି ଲକ୍ଷ୍ୟକୁ ସାକାର କରିବାରେ ଯୁବବର୍ଗଙ୍କ ପ୍ରମୁଖ ଭୂମିକା ରହିଥିବା ଉପରେ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ପରିବର୍ତ୍ତନକାରୀ ଯାତ୍ରାରୁ ପ୍ରେରଣା ନେଇ ଡକ୍ଟର ମାଣ୍ଡଭୀୟ କହିଥିଲେ, ଦକ୍ଷିଣ ଆଫ୍ରିକାରେ ରହଣି ସମୟରେ ଗାନ୍ଧିଜୀ ହାସଲ କରିଥିବା ଶିକ୍ଷା ଭାରତର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲା। ଭାରତର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସାରା ବିଶ୍ୱରୁ ସମାନ ଅଭିଜ୍ଞତା ଏବଂ ସର୍ବୋତ୍ତମ କାର୍ଯ୍ୟପଦ୍ଧତି ନେଇ ଆସିବା ପାଇଁ ସେ ପ୍ରବାସୀମାନଙ୍କୁ ଉତ୍ସାହିତ କରିଥିଲେ। ''ଭାରତର ଯୁବକମାନେ ହେଉଛନ୍ତି ଦେଶର ସବୁଠାରୁ ବଡ଼ ସମ୍ପଦ। ଭାରତରେ ପ୍ରତି ୨୦ ଜଣଙ୍କ ମଧ୍ୟରୁ ୧୩ ଜଣଙ୍କ ବୟସ ୩୫ ବର୍ଷରୁ କମ୍ ଏବଂ ଯୁବବର୍ଗଙ୍କ ହାରାହାରି ବୟସ ୨୯ବର୍ଷ ହୋଇଥିବାରୁ ଆଗାମୀ ବର୍ଷଗୁଡ଼ିକରେ ଆମ ଦେଶ ବିଶ୍ୱର ନେତୃତ୍ୱ ନେବାର ସ୍ଥିତିରେ ରହିଛି। ପ୍ରବାସୀମାନଙ୍କ ଯୋଗଦାନ ''ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ''ର ପରିକଳ୍ପନାକୁ ସାକାର କରିବାରେ ସହାୟକ ହୋଇପାରିବ, ଯାହା ଏକତା, ବିକାଶ, ବିଶ୍ୱାସ ଏବଂ ସାମୂହିକ ପ୍ରୟାସର ଗୁରୁତ୍ୱକୁ ରେଖାଙ୍କିତ କରିଥାଏ,'' ବୋଲି ଡକ୍ଟର ମାଣ୍ଡଭୀୟ କହିଥିଲେ ।

ଏହି ଅବସରରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ.ଏସ୍. ଜୟଶଙ୍କର କହିଲେ ଯେ, ପ୍ରବାସୀ ଭାରତୀୟମାନେ ସେମାନଙ୍କର ଜନ୍ମମାଟି ଭାରତ ସହିତ ସବୁବେଳେ ଆତ୍ମୀୟତା ରଖି ଆସିଛନ୍ତି । ବିଶ୍ୱର ଯେଉଁ ଦେଶରେ ରହିଥାନ୍ତୁ ନା କାହିଁକି ଭାରତର ବିକାଶ ପାଇଁ ସେମାନେ ସର୍ବଦା ଇଚ୍ଛୁକ ରହିଥାନ୍ତି । ପ୍ରବାସୀ ଭାରତୀୟମାନେ କୃତ୍ରିମ ବୁଦ୍ଧିମତା, ଇଲେକ୍ଟ୍ରୋନିକ ଯାନ, ଡ୍ରୋନ୍ , ବୈଷୟିକ ଜ୍ଞାନ କୌଶଳ, କାରିଗରୀ, ମହାକାଶ ଗବେଷଣା ଆଦି ବିଭିନ୍ନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଛନ୍ତି । ଭାରତ ସହ ସେମାନଙ୍କର ସହଭାଗିତା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଉଲ୍ଲେଖନୀୟ ଯୋଗଦାନ ହେବ ବୋଲି ସେ ପ୍ରକାଶ କରିଥିଲେ । ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା କହିଲେ ଯେ, ଏହି ସମ୍ମିଳନୀ ଦେଶର ଯୁବଗୋଷ୍ଠୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନ କୌଶଳ ସାଙ୍ଗକୁ ପୋଷଣୀୟ ବିକାଶ ଲକ୍ଷ୍ୟର ଉପାଦାନଗୁଡ଼ିକର ବିସ୍ତାରପୂର୍ବକ ବିକଶିତ ଭାରତର ରୋଡମ୍ୟାପକୁ ସମ୍ପୂର୍ଣ୍ଣ ରୂପାୟିତ କରିବ ।

ନ୍ୟୁଜ୍ ୱିକ୍ (ଆମେରିକା)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାରତୀୟ ବଂଶୋଦ୍ଭବ ଡଃ. ପ୍ରଗଡ ନିଜ ସଫଳ ଯାତ୍ରା ସଂପର୍କରେ ଉଲ୍ଲେଖ କରି ତାଙ୍କ ସଂଗଠନ ଅନେକ ସୋପାନ, ନେତୃତ୍ୱ ଓ ଡିଜିଟାଲ ଅଭିନବତ୍ୱ ଗ୍ରହଣ କରି ଆଜି ବିଶ୍ୱର ଅନ୍ୟତମ ବହୁଳ ପ୍ରସାରିତ ପ୍ରକାଶନ ସଂସ୍ଥା ଭାବରେ ଆଦୃତି ଅର୍ଜନ କରିଛି ବୋଲି କହିଥିଲେ । ପ୍ରବାସୀ ଭାରତୀୟ ଦିବସ ଆୟୋଜନ, ଭାରତ ଓ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ସଂପର୍କର ସେତୁକୁ ଦୃଢ଼ କରିଛି ବୋଲି ସେ ପ୍ରକାଶ କରିଥିଲେ । ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ରକ୍ଷା ନିଖି ଖାଡସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ପ୍ରବାସୀ ଭାରତୀୟ, ବିଭିନ୍ନ ରାଜ୍ୟରୁ ଆଗତ ବୁଦ୍ଧିଜୀବୀ, ଗବେଷକ, ସାମାଜିକ କର୍ମୀ ଓ ଉଦ୍ୟୋଗୀବୃନ୍ଦ ସମବେତ ହୋଇଥିଲେ ।

## ଭି. ନାରାୟଣନ...

ନିଯୁକ୍ତି କମିଟି ଏ ନେଇ ସୂଚନା ଜାରି କରିଛି। ୨ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ। ଭି ନାରାୟଣନଙ୍କ ପଖରେ ପ୍ରାୟ ୪ ଦଶନ୍ଧିର ଅନୁଭବ ରହିଛି। ସେ ଭାରତୀୟ ଅନ୍ତରୀକ୍ଷ ସଂଗଠନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହିଆସିଛନ୍ତି। ବର୍ତ୍ତମାନ ଭି. ନାରାୟଣ ଭଲିଆମାଲାରେ ଅବସ୍ଥିତ ଲିକ୍ୱିଡ୍ ପ୍ରପଲ୍ୟୁସନ୍ ସିଷ୍ଟମ୍ ସେଣ୍ଟରର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି। ୧୯୮୪ରେ ସେ ଇସ୍ରୋରେ ସାମିଲ ହୋଇଥିଲେ। ଇସ୍ରୋର ବର୍ତ୍ତମାନ ଅଧ୍ୟକ୍ଷ ଏସ୍. ସୋମନାଥ ୧୪ ଜାନୁଆରୀ ୨୦୨୨ରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏବେ ସେ ତାଙ୍କର ଦୁଇ ବର୍ଷ କାର୍ଯ୍ୟକାଳ ଶେଷ ହେବାକୁ ଆସିଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ଇସ୍ରୋ ସଫଳତାର ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ମିଶନକୁ କାର୍ଯ୍ୟକାରୀ କରିଛି।

## ଏକ ଦେଶ ଏକ ନିର୍ବାଚନ...

ତା'ପରେ କଂଗ୍ରେସ, ଏସ୍‌ପି, ତୃଣମୂଳ କଂଗ୍ରେସ ଏହା ସହିତ ଅନ୍ୟ ସମସ୍ତ ଦଳର ନେତା ଜଣଙ୍କ ପରେ ଜଣେ ଏନେଇ ନିଜ ନିଜ ମତ ଦେଇଥିଲେ। 'ଏକ ଦେଶ ଏକ ନିର୍ବାଚନ' ସମ୍ପର୍କରେ ସରକାରଙ୍କ ଯୁକ୍ତି ଉପରେ ପ୍ରିୟଙ୍କା ଗାନ୍ଧୀ ପ୍ରଶ୍ନ ଉଠାଇଥିଲେ। ସେ ପ୍ରଶ୍ନ କରିଛନ୍ତି ଯେ, ଏହା ନିର୍ବାଚନ ଖର୍ଚ୍ଚ ହ୍ରାସ କରିବ କି ? ଆପଣ ଏହା କିପରି କହିପାରିବେ ? ବିଜେପି କହିଛି ଯେ, ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟରେ ନିର୍ବାଚନ ହେଉଥିବାରୁ ଖର୍ଚ୍ଚ ବହୁ ଅଧିକ ହେଉଛି। ଏହା ବ୍ୟତୀତ ବିକାଶର ଗତି ମଧ୍ୟ ପ୍ରଭାବିତ ହେଉଛି। ଗୁରୁବାର ଜେପିସିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାର ଏହି ବିଲ୍ ଆଗତ କରିଥିଲେ। ଏହାକୁ ବର୍ତ୍ତମାନ ୩୯ ସଦସ୍ୟ ବିଶିଷ୍ଟ ମିଳିତ ସଂସଦୀୟ କମିଟି ସମ୍ମୁଖରେ ରଖାଯାଇଛି। କମିଟିର ପ୍ରଥମ ବୈଠକରେ ୩୭ ସାଂସଦ ଉପସ୍ଥିତ ଥିଲେ। ବ୍ୟକ୍ତିଗତ କାରଣରୁ ବିଜେପି ସାଂସଦ ସିଏମ ରମେଶ ଏବଂ ଏଲଜେପି ସାଂସଦ ଶାମ୍ଭବୀ ଚୌଧୁରୀ ଏଥିରେ ଯୋଗ ଦେଇପାରି ନ ଥିଲେ। ସମସ୍ତ ପ୍ରମୁଖ ଦଳର ନେତାମାନଙ୍କୁ ଏହି କମିଟିରେ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ କଂଗ୍ରେସରୁ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଜେଡିୟୁରୁ ସଞ୍ଜୟ ଝା, ଶିବସେନା ସିନ୍ଦେ ଦଳରୁ ଶ୍ରୀକାନ୍ତ ସିନ୍ଦେ, ଆପରୁ ସଞ୍ଜୟ ସିଂ ଏବଂ ଟିଏମସିର କଲ୍ୟାଣ ବାନାର୍ଜୀ ପ୍ରମୁଖ ରହିଛନ୍ତି। ବୈଠକର ପ୍ରଥମ ଦିନରେ ବିଲର ବ୍ୟବସ୍ଥା ସହ ଜଡିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ପୂର୍ବରୁ ଦିଆଯାଇଥିବା ସୁପାରିସଗୁଡିକ ମଧ୍ୟ କମିଟି ସମ୍ମୁଖରେ ରଖାଯାଇଥିଲା।

## ସଡ଼କ ଦୁର୍ଘଟଣା ...

ପରେ ଅନ୍ୟ ୬ଟି ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପରେ ଧିରେ ଧିରେ ଏହା ସାରା ଦେଶରେ କାର୍ଯ୍ୟକାରୀ ହୋଇଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗଡ଼କରୀ କହିଛନ୍ତି।

## ଜିଲ୍ଲା କୋର୍ଟର ଜଜ୍‌ଙ୍କ ଦରମା...

ଦେଖାଉଛନ୍ତି। ୨୦୧୫ରେ ଦାଖଲ ହୋଇଥିବା ଏହି ଆବେଦନରେ ବିଚାରପତିଙ୍କ ସ୍ୱଳ୍ପ ବେତନ ଏବଂ ଅବସର ପରେ ଉପଯୁକ୍ତ ପେନସନ ନ ପାଇବା ବିଷୟରେ କୁହାଯାଇଛି। ସାରା ଦେଶରେ ଏ ବାବଦରେ କୌଣସି ନୀତି ନାହିଁ ବୋଲି ମଧ୍ୟ ସନ୍ଦର୍ଭ ଦିଆଯାଇଛି। ଏହି ମାମଲାରେ ସହାୟତା କରିବା ପାଇଁ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ କେ ପରମେଶ୍ୱରଙ୍କୁ ଆମିକସ କ୍ୟୁରି ଭାବରେ ନିଯୁକ୍ତ କରିଛନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ନିକଟରେ ହାଜର ହୋଇଥିବା ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟାରାମଣି କହିଛନ୍ତି ଯେ ସରକାର ଦେଇଥିବା ଫ୍ରିବିଜ (ମାଗଣା ଯୋଜନା) ଏକ ସାମୟିକ ବ୍ୟବସ୍ଥା। ଦରମା ଏବଂ ପେନସନ ବୃଦ୍ଧି ଏକ ସ୍ଥାୟୀ ଜିନିଷ। ରାଜସ୍ୱ ଉପରେ ଏହାର ପ୍ରଭାବକୁ ବିଚାର କରିବା ଜରୁରୀ । ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବାଜି ସାରିଛି ବିଗୁଲ। ତେବେ ନିର୍ବାଚନ ପୂର୍ବରୁ ହିଁ କିଛି ରାଜନୈତିକ ଦଳ ସତ୍ତାକୁ ଆସିଲେ ମହିଳାମାନଙ୍କୁ ପ୍ରତିମାସରେ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅମ ଆଦମୀ ପାର୍ଟି 'ମହିଳା ସମ୍ମାନ ଯୋଜନା' ଜରିଆରେ ଦିଲ୍ଲୀରେ ମହିଳାମାନଙ୍କୁ ପ୍ରତି ମାସରେ ୨୧୦୦ ଟଙ୍କା ଦେବାକୁ ଘୋଷଣା କରିଛି। ସେହିପରି କଂଗ୍ରେସ 'ପ୍ୟାରୀ ଦିଦି ଯୋଜନା' ଜରିଆରେ ପ୍ରତିମାସରେ ୨୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛି।

## କର୍ଣ୍ଣାଟକ, ତାମିଲନାଡୁ ପରେ...

ଏକ ଭୂତାଣୁ ଯାହା ମଣିଷ ଫୁସଫୁସ ଏବଂ ଶ୍ୱାସକ୍ରିୟାରେ ସଂକ୍ରମଣ ସୃଷ୍ଟି କରେ। ଏହା ସାଧାରଣ ଥଣ୍ଡା କିମ୍ବା ଫ୍ଲୁ ପରି ଅବସ୍ଥା ସୃଷ୍ଟି କରେ। ଯେଉଁମାନେ ପୂର୍ବରୁ ଅସୁସ୍ଥ ଅଛନ୍ତି କିମ୍ବା ଆଲର୍ଜିରେ ପୀଡିତ ସେମାନଙ୍କଠାରେ ଏଚ୍‌ଏମ୍‌ପିଭି ସଂକ୍ରମଣ ସାଧାରଣ।

## ରାଜ୍ୟରେ ବିକାଶଧାରାକୁ...

ଯେଉଁଭଳି ଭାବେ ୨୪ ବର୍ଷ ଧରି ବିକାଶ ଧାରା ବାଧା ପ୍ରାପ୍ତ ହୋଇଛି ତାକୁ ସଜାଡ଼ିବାକୁ ମୋଦି ପ୍ରୟାସ କରୁଛନ୍ତି।

## ରସୁଲଗଡରେ ଯୁବକଙ୍କୁ ହତ୍ୟା...

ଯାଇଥିଲେ। ଏହି ହତ୍ୟା କାଣ୍ଡ ଯୋଜନାବଦ୍ଧ ଥିଲା ବୋଲି ଜଣାପଡ଼ିଛି। ବ୍ରାଉନସୁଗାର ବ୍ୟବସାୟକୁ ନେଇ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ସବୁଠାରୁ ବଡ଼ କଥା ହେଲା ଘଟଣା ଘଟିବାର ୧୦ ଘଣ୍ଟା ଭିତରେ ଅଭିଯୁକ୍ତମାନଙ୍କୁ କାବୁ କରିବାରେ ପୁଲିସ ସଫଳ ହୋଇଛି। ସୂଚନାଯୋଗ୍ୟ, କେଦାରପଲ୍ଲୀରେ ରହୁଥିବା ସହଦେବ ନାୟକ ଅନ୍ୟ ଦିନ ଭଳି ବୁଧବାର ସକାଳୁ ଝିଅକୁ ସ୍କୁଲକୁ ଛାଡ଼ିବାକୁ ଯାଇଥିଲେ। ଝିଅକୁ ସ୍କୁଲରେ ଛାଡ଼ି ଘରକୁ ଫେରିବା ବାଟରେ ଦୁର୍ବୃତ୍ତଙ୍କ ହାବୁଡ଼ରେ ପଡ଼ିଥିଲେ। ଘଟଣାସ୍ଥଳ ଥିଲା ରସୁଲଗଡ଼ ଓଭରବ୍ରିଜ୍। ଦୁର୍ବୃତ୍ତମାନେ ଅତର୍କିତ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବା ପାଇଁ ସହଦେବ ଆକୁଳ ନିବେଦନ କରୁଥିବା ବେଳେ ଦୁର୍ବୃତ୍ତମାନେ ବାରମ୍ବାର ଖଣ୍ଡାଚୋଟ ମାରୁଥିଲେ। ଅଳ୍ପ ସମୟ ମଧ୍ୟରେ ସହଦେବଙ୍କ ଶରୀରରୁ ମୁଣ୍ଡକୁ ଅଲଗା କରିଦେଇଥିଲେ। ରାଜଧାନୀ ଭୁବନେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ରାସ୍ତାରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା, ଯାହା ପୂରା ସହରକୁ ଦୋହଲାଇ ଦେଇଥିଲା। ରସୁଲଗଡ଼ରୁ ବାଣୀ ବିହାର ରାସ୍ତାରେ ଯୁବକଙ୍କ ମୁଣ୍ଡ ରାସ୍ତାରେ ପଡ଼ିଥିଲା। ରାସ୍ତାରେ ଯାଉଥିବା ଲୋକ ଦେଖି ଭୟଭୀତ ହୋଇଯାଉଥିଲେ। ଦୁର୍ବୃତ୍ତମାନେ ବାଇକରେ ଗୋଡେଇ ଗୋଡେଇ ସହଦେବଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ସେ ସଫେଇ କର୍ମଚାରୀ ସଂଘର ସଭାପତି ଥିଲେ।

# ଭାଣିଜୀ ପ୍ରେମ ବିବାହ କଲା ବୋଲି ଭୋଜିରେ ବିଷ ମିଶାଇଦେଲା ମାମୁ

**କୋହ୍ଲାପୁର**

ଆମ ସଂସ୍କୃତିରେ ଭଣଜା-ଭାଣିଜୀଙ୍କ ବିବାହରେ ମାମୁମାନଙ୍କର ବଡ଼ ଭୂମିକା ରହିଥାଏ। ନିର୍ବନ୍ଧଠାରୁ ଆରମ୍ଭ କରି ବାହାଘର ଶେଷ ପର୍ଯ୍ୟନ୍ତ ମାମୁଁ ସମସ୍ତ ପ୍ରମୁଖ କାର୍ଯ୍ୟ ତୁଲାଇଥା'ନ୍ତି। ହେଲେ ଜଣେ ଏମିତି ମାମୁକୁ ଏବେ ପୁଲିସ ଖୋଜୁଛି, ଯିଏ ନିଜ ଭାଣିଜୀ ବିବାହର ରିସେପ୍ସନ ଭୋଜିରେ ବିଷ ମିଶେଇ ଦେଇଛି। ତେବେ ସେହି ଭୋଜି କେହି ଖାଇ ନଥିବାରୁ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି।

ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲା ପନହାଲା ତହସିଲ ଅନ୍ତର୍ଗତ ଉତ୍ରେ ଗ୍ରାମରେ। ପୁଲିସ କହିବା ଅନୁସାରେ ମାମୁ ମହେଶ ପାଟିଲ ଘରେ ହିଁ ତାଙ୍କ ଭାଣିଜୀଙ୍କର ଲାଳନପାଳନ ହୋଇଥିଲା। ହେଲେ ଭାଣିଜୀ ସେହି ଗ୍ରାମର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ଘର ଲୋକ ରାଜି ନହେବାରୁ ସେ ପ୍ରେମିକଙ୍କ ସହ ଲୁଚି ଘର ଛାଡ଼ି ପଳାଇଲେ ଏବଂ ଉଭୟ ବିବାହ କରିଥିଲେ। ହେଲେ ଯୁବତୀଙ୍କ ମାମୁ ମହେଶ ପାଟିଲ୍ ଏଥିରେ ରାଗି ଯାଇଥିଲେ। ପ୍ରତିଶୋଧ ନେବାକୁ ଯାଇ ସେ ଭାଣିଜୀଙ୍କ ବିବାହ ରିସେପ୍ସନରେ ପଶି ଭୋଜିରେ ବିଷ ମିଶାଇ ଦେଇଥିଲେ।

ଭଲ କଥା ହେଉଛି ଅତିଥିମାନେ ଭୋଜି ଖାଇବା ପୂର୍ବରୁ ଘଟଣାଟି ପ୍ରଘଟ ହୋଇଯାଇଥିଲା। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଛି। ଅନ୍ୟପଟେ ବିବାହ ରିସେପ୍ସନରେ ଉପସ୍ଥିତ କିଛି ଲୋକ ଅଭିଯୁକ୍ତକୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ସେ ଖସି ପଳାଇବାରେ ସକ୍ଷମ ହୋଇଥିଲା। ପୁଲିସ କହିଛି ଯେ ଖାଦ୍ୟର ନମୂନା ସଂଗ୍ରହ କରି ଟେଷ୍ଟିଂ ପାଇଁ ପଠାଯାଇଥିଲା। ଅଭିଯୁକ୍ତ ବିରୋଧରେ ଭାରତ ନ୍ୟାୟ ସଂହିତା ଅଧିନରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଏବେ ଅଭିଯୁକ୍ତକୁ ଖୋଜୁଛି ପୁଲିସ।

# ସବୁ ସରକାରୀ ସ୍କୁଲରେ ମୌଳିକ ସୁବିଧା ଅଛିକି ନାହିଁ : ପ୍ରଶ୍ନ କଲେ ହାଇକୋର୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ସବୁ ସରକାରୀ ସ୍କୁଲରେ ମୌଳିକ ସୁବିଧା ଅଛିକି ନାହିଁ, ପ୍ରଶ୍ନ କଲେ ହାଇକୋର୍ଟ। ସରକାରୀ ତଥ୍ୟର ବାସ୍ତବତା ଯାଞ୍ଚ ପାଇଁ ଆମିକସ୍ କ୍ୟୁରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ୨୯ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ତେବେ ୨୩,୩୭୨ ସ୍କୁଲରେ ମୌଳିକ ସୁବିଧା ରହିଥିବା ରାଜ୍ୟ ସରକାର କୋର୍ଟଙ୍କୁ ଜଣାଇଛନ୍ତି।

# ଅଦିନିଆ ବର୍ଷାରେ ଫସଲ ନଷ୍ଟ ଆତ୍ମହତ୍ୟା କଲେ ଯୁବ ଚାଷୀ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଅଦିନିଆ ବର୍ଷାରେ ଫସଲ ନଷ୍ଟ ଯୋଗୁ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ତଂଅରା ଗାଁରେ ଜଣେ ଯୁବ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀଙ୍କ ନାଁ ଅଶୋକ କୁମାର ପରିଡ଼ା। ତାଙ୍କୁ ୩୮ ବର୍ଷ ହୋଇଥିଲା। ସେ ତାଙ୍କର ଛଅ ଏକର ଜମିରେ ଧାନ ଚାଷ କରିଥିଲେ। ତା' ସହିତ ୪ ଏକର ଜମିରେ ଭାଗ ଚାଷ କରିଥିଲେ। ଅଦିନିଆ ବର୍ଷାରେ ତାଙ୍କର ଅଧାରୁ ଅଧିକ ଫସଲ ନଷ୍ଟ ହୋଇଯାଇଥିଲା। ତେଣୁ ସେ ଚିନ୍ତାରେ ଥିଲେ। କାରଣ ଚାଷ ପାଇଁ ସେ ଋଣ କରିଥିଲେ। ଋଣ ଅର୍ଥ କେମିତି ସୁଝିବେ, ସେହି ଚିନ୍ତାରେ ରହିଥିଲେ ଅଶୋକ। ସେଥିପାଇଁ ସେ ମାନସିକ ଭାରସାମ୍ୟ ହରାଇ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଅଶୋକଙ୍କ ବଡ଼ ଭାଇ ପ୍ରସନ୍ନ ପରିଡ଼ା କହିଛନ୍ତି, ଚାଷରେ ହୋଇଥିବା କ୍ଷତି ସହି ନପାରି ସେ ଆତ୍ମହତ୍ୟା କରିଛନ୍ତି। ନିଜ ବେଡ୍ ରୁମ୍‌ରେ ସେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୁଁ ଯେତିକି ଜାଣିଛି ସେ ୪ରୁ୫ ଲକ୍ଷ ଟଙ୍କା ଋଣ କରି ଚାଷ କରିଥିଲେ। ତେଣୁ ମାନସିକ ଭାରସାମ୍ୟ ହରାଇ ଏଭଳି ଏକ କାର୍ଯ୍ୟ କରିଛନ୍ତି। ଅଶୋକଙ୍କ ଘରେ ତାଙ୍କ ମା', ପତ୍ନୀ ଓ ୭ ବର୍ଷର ଝିଅ ଅଛନ୍ତି। ଅଶୋକ ପରିବାରର ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ଥିଲେ। ତେଣୁ ତାଙ୍କ ମୃତ୍ୟୁ ପରେ ପରିବାର ଅସହାୟ ହୋଇଯାଇଛି। ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି।

# ଖଣି ବ୍ୟବସାୟୀଙ୍କ ଘରେ ଇଡି ରେଡ୍ ଏକକାଳୀନ ୧୪ଟି ସ୍ଥାନରେ ଚଢ଼ଉ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖଣି ବ୍ୟବସାୟୀଙ୍କ ଘରେ ଇଡି ରେଡ୍। ଖଣି ବ୍ୟବସାୟୀ ରତ୍ନାକର ନାୟକ (ଝୁଲୁ)ଙ୍କ ଘରେ ଇଡ଼ି ଚଢ଼ଉ କରିଛି। ଏକକାଳୀନ ୧୪ଟି ସ୍ଥାନରେ ରେଡ୍ ଚାଲିଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଠାରେ ଥିବା ଘର, ଢେଙ୍କାନାଳ, ଭୁବନେଶ୍ୱରରେ ଥିବା ଅଫିସ, ବ୍ୟବସାୟ ପ୍ରତିଷ୍ଠାନରେ ଇଡି ଚଢାଉ କରିଛି। ବେଆଇନ ଆର୍ଥିକ କାରବାର ନେଇ ଇଡ଼ି ରେଡ୍ କରିଛି। ଚଢ଼ଉ ବେଳେ ଟଙ୍କା କାରବାରର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି।


## ସୁବର୍ଣ୍ଣଲୋକ ମହୋତ୍ସବ-୨୦୨୫

### ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର

**ଶିଶୁ ହସିଲେ ଦେଶ ହସିବ**

**ଆପଣ ଏକ ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ଚାହୁଁଛନ୍ତି କି ?**

- ଫୋଷ୍ଟର କେୟାର ବା ପ୍ରତିପାଳନ ଯତ୍ନ ଯୋଜନା ମାଧ୍ୟମରେ ଆପଣ ଜଣେ ଶିଶୁର ଅଭିଭାବକ ହେବା ସହ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରିପାରିବେ।
- ୬ ବର୍ଷ ୧୮ ବର୍ଷର ଶିଶୁ ଯେଉଁମାନେ ଶିଶୁ ମଙ୍ଗଳ କମିଟି ଦ୍ୱାରା ଆଇନଗତ ମୁକ୍ତ ଘୋଷିତ ହୋଇ ୩ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଅଛି ସେମାନଙ୍କୁ ଫୋଷ୍ଟର କେୟାର ମଧ୍ୟରେ ଗ୍ରହଣ କରାଯିବ।
- ଉଭୟ ପତି ପତ୍ନୀ ଉକ୍ତ ଶିଶୁକୁ ପ୍ରତିପୋଷଣ କରିବାକୁ ଇଚ୍ଛୁକ ଥିବେ ଏବଂ ୩୫ ବର୍ଷରୁ ଅଧିକ ବୟସ ହୋଇଥିବ। ଶାରୀରିକ ମାନସିକ ଭାବେ ସୁସ୍ଥ ଥିବେ।

ଶ୍ରୀମତୀ ଅନ୍ୟା ଦାଶ, ଭା.ପ୍ର.ସେ
ଜିଲ୍ଲାପାଳ ତଥା ଅଧ୍ୟକ୍ଷା
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସୁବର୍ଣ୍ଣପୁର

ଶ୍ରୀ ଚତୁର୍ଭୁଜ ଦାଶ
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
ସୁବର୍ଣ୍ଣପୁର



ଭାରତୀୟ ସ୍ୱାସ୍ଥ୍ୟ ମିଶନ

## Office of the CDM & PHO-Cum-DMD, Jagatsinghpur

DISTRICT PROGRAMME MANAGEMENT AND SUPPORT UNIT
NATIONAL HEALTH MISSION

E-663

**ADVERTISEMENT / NOTICE**

No. 67 Date: 07 / 01 /2025

Applications are invited from the contractual employees of NHM already engaged and continuing in the following posts under OSH&FW Society in other district of Odisha and desiring to be posted in Jagatsinghpur district against the vacant post mentioned bellow.

| Sl No | Name of the Programme / Activities as per NHM PIP | Name of the post | Vacancy Nos. |
|---|---|---|---|
| 1 | District Early Intervention Centre (DEIC) | Dental Technician | 01 |
| 2 | Rastriya Bal SwasthyaKaryakram (RBSK) | AYUSH MO Ayurvedic-Female | 02 |
| | | AYUSH MO Homeopathic-Female | 02 |
| 3 | National Health Mission (NHM) | RMNCH/ FP Counselors | 03 |
| | | Block Data Manager | 02 |
| 5 | District Mental Health Programme (DMHP) | Psychiatric Social Worker | 01 |

Interested in house candidates only under OSH & FW Society serving in other District are requested to apply in the prescribed format with "No Objection-Cum-experience Certificate" from concerned CDM & PHO. Selection shall be made on the highest length of incumbency under the Society. The application format and other details (terms & conditions, selection procedures & application format) can be downloaded from the district website www. jagatsinghpur.odisha.gov.in. and the application with desired documents should reach to the office of the Chief District Medical & Public Health Officer-Cum-District Mission Director, Jagatsinghpur, Pin-754103 by 3.00 PM of 20.01.2025 through Regd. Post / Speed Post only. Application received after the due date will not be considered. Numbers of vacancies under this advertisement are provisional which may increase or decrease depending upon the actual vacancy and subject to change during the time of selection / appointment. Incomplete of application in form is liable for rejection. Time to time notification regarding status of selection process will be web hoisted in district web-site (www. jagatsinghpur.odisha.gov.in.). The undersigned reserves the right to cancel / reject any or all the application and modify /cancel the advertisement without assigning any reason thereof. This office will not be responsible for any postal delay.

Sd/- CDM&PHO cum DMD
Jagatsinghpur

OIPR-10043/11/0014/2425



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anadapur@yahoo.co.in

O-1178

**NOTICE INVITING TENDER**

NATIONAL COMPETITIVE BIDDING THROUGH e-PROCUREMENT NOTICE
On line-07 /ACE/RW/AND/2024-25
Maintenance of Buildings under Administrative Expenditure

No. 63 // Date: 06.01.2025 //

**Additional Chief Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure.** The bid should be submitted on-line in the website www.tendersonssa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt,/ MES/ Railways for execution of only Civil works The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Additional Chief Engineer, R.W. Division, Anandapur | NCB-On line 07/ ACE/ RW / AND/ 2024-25 | 10.01.2025 at 10.00 A.M. | 18.01 2025 up to 5.30 P.M. | 17.01.2025 up to 5.30 P.M. | 20.01.2025 at 11.30 A M. |

Sd/- Additional Chief Engineer
R.W. Division, Anandapur

OIPR-25055/11/0010/2425

ସ୍ୱଚ୍ଛ ଓଡ଼ିଶା

ଭୁବନେଶ୍ୱର
୦୯ ଜାନୁଆରୀ
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ନାଲ୍କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ବିଜେନ୍ଦ୍ର ସିଂଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନାଲ୍କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ବିଜେନ୍ଦ୍ର ପ୍ରତାପ ସିଂ ବୁଧବାର ଭୁବନେଶ୍ୱର ସ୍ଥିତ ନାଲ୍କୋ ମୁଖ୍ୟ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନାଲ୍କୋରେ ଯୋଗଦେବା ପୂର୍ବରୁ ଶ୍ରୀ ସିଂ ସେଲ୍‌ର ବର୍ଣ୍ଣପୁର ଏବଂ ଦୁର୍ଗାପୁର ଇସ୍ପାତ କାରଖାନାର ନିର୍ଦ୍ଦେଶକ (ଇନ୍-ଚାର୍ଜ) ସହ ସେଲ୍ ବୋର୍ଡର ସଦସ୍ୟ ମଧ୍ୟ ଥିଲେ। ଖଣି ଏବଂ ଇସ୍ପାତ କ୍ଷେତ୍ରରେ ଦୀର୍ଘ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଶ୍ରୀ ସିଂଙ୍କ କାର୍ଯ୍ୟଶୈଳୀ ଏବଂ ଶିକ୍ଷ କ୍ଷେତ୍ରରେ ପାରଦର୍ଶିତା ସେଲ୍‌ର ଆଧୁନିକୀକରଣ ନିମନ୍ତେ ପ୍ରମୁଖ



ଭୂମିକା ଗ୍ରହଣ କରିଛି ଯାହା ଭାରତର ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି ଏବଂ ସ୍ଥାୟୀତ୍ୱକୁ ସୁନିଶ୍ଚିତ କରିପାରିଛି। ଶ୍ରୀସିଂ ୧୯୮୯ରେ ଆଇଆଇଟି-ଧାନବାଦ୍ (ପୂର୍ବରୁ ଆଇଏସ୍ଏମ୍ ଧାନବାଦ୍)ରୁ ମାଇନିଂ ମେସିନାରୀ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ସହ ମାର୍କେଟିଂରେ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ୧୯୮୯ରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ ସିଂ ସେଲ୍‌ର ୪ଟି ପ୍ରମୁଖ ଏକୀକୃତ ଇସ୍ପାତ କାରଖାନା (ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ,ବୋକାରୋ ଷ୍ଟିଲ୍ ଲିମିଟେଡ୍, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ ଏବଂ ଆଇ.ଆଇ.ଏସ.କୋ ଷ୍ଟିଲ୍ ପ୍ଲାଣ୍ଟ)ରେ ବିଭିନ୍ନ ପଦ ପଦବୀରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ମାଇନିଙ୍ଗ, ବ୍ଲାଷ୍ଟ ଫରନେସ, ସିଣ୍ଟର ପ୍ଲାଣ୍ଟ, ମେଣ୍ଟେନାନ୍ସ, ଏବଂ ପ୍ଲାଣ୍ଟ ପରିଚାଳନା କ୍ଷେତ୍ରରେ ତାଙ୍କର ବିସ୍ତୃତ ଅଭିଜ୍ଞତା ରହିଛି। ବ୍ରିଜେନ୍ଦ୍ର ପ୍ରତାପ ସିଂଙ୍କ ଯୋଗଦାନ ହେତୁ ନାଲ୍କୋର ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସଂପ୍ରସାରଣ ତଥା ନୂତନ ପ୍ରକଳ୍ପମାନଙ୍କର ଆଶାନ୍ୱିତ ରୂପାୟନ ସୁନିଶ୍ଚିତ ହୋଇପାରିବ।

# ଫେବୃୟାରୀ ୧ରେ ଉପସ୍ଥାପିତ ହେବ କେନ୍ଦ୍ର ବଜେଟ୍-୨୦୨୫ : ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ ୮।୧**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୧ ଫେବୃୟାରୀ ୨୦୨୫ରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିବେ। ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳର ଏହା ଦ୍ୱିତୀୟ ବଜେଟ୍। ଅନ୍ୟପଟେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତାର ଅଷ୍ଟମ ଥର ସଂସଦରେ ବଜେଟ୍ ଉପସ୍ଥାପନ କରି ରେକର୍ଡ ସୃଷ୍ଟି କରିବାକୁ ଯାଉଛନ୍ତି। ୧ ଫେବୃୟାରୀ ପୂର୍ବାହ୍ନ ୧୧ଟା ବେଳେ ଅର୍ଥମନ୍ତ୍ରୀ ସଂସଦରେ ବଜେଟ୍ ଅଭିଭାଷଣ ରଖିବେ। ଗତ କିଛିବର୍ଷ ହେଲା ଦେଶର ବଜେଟ୍ ଫେବୃୟାରୀ ୧ ତାରିଖରେ ଉପସ୍ଥାପନ ହୋଇ ଆସୁଛି।



ବଜେଟ୍ ବର୍ଷକ ଲାଗି ସରକାରଙ୍କ ଆୟ ଓ ବ୍ୟୟର ଆକଳନ। ସରକାର ରାଜସ୍ୱ ଆକାରରେ କେତେ କର ଅର୍ଜନ କରିବେ ଓ ସେହି ରାଜସ୍ୱ ବାବଦ ଅର୍ଥକୁ କେଉଁକେଉଁ କ୍ଷେତ୍ରରେ ବିନିଯୋଗ କରିବେ ତା'ର ମୋଟ ଆକଳନ ହିଁ ହେଉଛି ବଜେଟ୍। ସମ୍ବିଧାନର ଅନୁଚ୍ଛେଦ ୧୧୨ରେ ବାର୍ଷିକ ଆର୍ଥିକ ବିବରଣୀର ଉଲ୍ଲେଖ ରହିଛି। ବଜେଟକୁ ସର୍ବପ୍ରଥମେ ସଂସଦର ନିମ୍ନ ସଦନ ଲୋକ-ସଭାରେ ଉପସ୍ଥାପନ କରାଯାଏ। ଏହା ପରେ ଏହାକୁ ଉଚ୍ଚସଦନ ରାଜ୍ୟ ସଭାରେ ଉପସ୍ଥାପନ କରାଯାଏ। କେନ୍ଦ୍ର ବଜେଟ୍ ୨୦୨୫ର ଫୋକସ୍ ଏଥର ସରକାରଙ୍କ ଦ୍ୱାରା 'ଅମୃତ କାଳ' ଓ 'ବିକଶିତ ଭାରତ'କୁ ନେଇ ରହିବ। ପୃଥକ ପୃଥକ ସେକ୍ଟରର ଦ୍ରୁତ ବିକାଶର ହିସାବରୁ ବଜେଟର ପ୍ରାଥମିକତା ଜଣାପଡ଼ିଥାଏ। ଏଣୁ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ରୂପାନ୍ତରିତ କରିବା ପାଇଁ ଭିଜନ ସହିତ ବଜେଟ୍ ୨୦୨୫କୁ ଡିଜାଇନ କରାଯାଇପାରେ ବୋଲି ଆକଳନ କରାଯାଉଛି। ୨୦୨୫-୨୬ ବଜେଟ୍ ପାଇଁ ଅର୍ଥମନ୍ତ୍ରୀଙ୍କ ପ୍ରସ୍ତୁତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥି ପାଇଁ ଅର୍ଥମନ୍ତ୍ରୀ ପ୍ରାକ୍ ବଜେଟ ବୈଠକ ବି କରୁଛନ୍ତି।

# ଥାନାରେ ପୋଲିସର ମନମାନି ନେଇ ହାଇକୋର୍ଟ କ୍ଷୁବ୍ଧ

**କଟକ, ୦୮/୦୧ ନ୍ୟୁଜ ବ୍ୟୁରୋ**

ଏତଲା ଦିଆଯିବାର ଦୀର୍ଘ ଦିନ ପର୍ଯ୍ୟନ୍ତ ପୁଲିସ୍ ମାମଲା ପଞ୍ଜିକୃତ କରିନାହିଁ । ଅଭିଯୋଗକୁ ଚାପି ରଖି ନିଜ ଇଚ୍ଛା ଅନୁସାରେ ତଦନ୍ତ ଚଳାଇଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି କି, ଆବେଦନ-କାରିଣୀଙ୍କୁ ପୁଲିସ ମାନସିକ ନିର୍ଯାତନା ଦେଉଛି । ଯାହାକି ଆଇନ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିରୋଧାଚରଣ କରୁଛି । ପୁଲିସ୍‌ର ଏଭଳି ମନମୁଖୀ କାମକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହେବା ସହ ରାଜ୍ୟର ଅଧିକାଂଶ ଥାନାରେ ପୁଲିସର ଏଭଳି ମନମାନି ଚାଲିଛି ଓ ଲୋକମାନଙ୍କୁ ନିର୍ଯାତନା ଦିଆଯାଉଛି ବୋଲି ମତ ଦେଇଛନ୍ତି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଏଥିରେ ଉଚ୍ଚପଦସ୍ଥ ପୁଲିସ ଅଧିକାରୀ ହସ୍ତକ୍ଷେପ କରିବାର ନିହାତି ଆବଶ୍ୟକତା ରହିଛି। ନିଜ ଘର ଯେପରି ଶୃଙ୍ଖଳା ଭିତରେ କାର୍ଯ୍ୟ କରେ ତାହା ମଧ୍ୟ ସୁନିଶ୍ଚିନ୍ତ କରିବା ଆବଶ୍ୟକ। ନଚେତ୍ ଏହା ସ୍ୱେଚ୍ଛାଚାରିତା ଆଡ଼କୁ ବାଟ କଢ଼ାଇ ନେବ ବୋଲି ହାଇକୋର୍ଟ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ତଦନ୍ତକାରୀ ଅଧିକାରୀ ଆବେଦନକାରିଣୀଙ୍କୁ ଆଗୁଆ ଜାମିନ୍‌ରେ



ଛାଡ଼ିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏବଂ ପୁଲିସ୍ ଅଧିକାରୀଙ୍କ ସମ୍ପୃକ୍ତି ଥିବାରୁ ଗୃହ ବିଭାଗ ସଚିବ ଏବଂ ପୁଲିସ୍ ଡିଜି ଏହାର ତଦନ୍ତ କରିବା ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚନ୍ଦ୍ରିକା ନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ, ଆବେଦନକାରିଣୀ ଜଣେ ବିଧବା। ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନାରେ ଏକ ଜମି ବିବାଦରୁ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଆବେଦନକାରିଣୀଙ୍କ ନାମରେ ନିର୍ଦ୍ଦିଷ୍ଟ ଭାବେ ଏଫଆଇଆର ରୁଜୁ କରାଯାଇ ନଥିଲେ ମଧ୍ୟ ତାଙ୍କୁ ଥାନାକୁ ଡାକି ମାନସିକ ନିର୍ଯାତନା ଦିଆଯାଉଛି। ଅନ୍ୟପକ୍ଷରେ ଆବେଦନକାରିଣୀଙ୍କ ପାଲଟା ଏତଲାକୁ ରୁଜୁ କରାଯାଇନାହିଁ। ଆବେଦନ-କାରିଣୀଙ୍କ ବିରୋଧରେ ଏକ ଅଭିଯୋଗ ରହିଛି ଯେ, ସେ ପ୍ରତିପକ୍ଷଙ୍କଠାରୁ ୪୦ ହଜାର ଟଙ୍କା ନେଇଛନ୍ତି। ଯେଉଁ ଟଙ୍କାକୁ ସେ ଫେରାଇବାକୁ ମଧ୍ୟ ପ୍ରସ୍ତୁତ। ଅପର-ପକ୍ଷରେ ଏହି ମାମଲା ଉପରେ ହାଇକୋର୍ଟ ପୂର୍ବ ଶୁଣାଣିରେ ଧାମନଗର ଏସ୍‌ଡିପିଓଙ୍କୁ ରିପୋର୍ଟ ତଲବ କରିଥିଲେ। ଯେଉଁଥିରେ ଏସ୍‌ଡିପିଓ ଦର୍ଶାଇଥିଲେ ଯେ, ଯଦିଓ ଆବେଦନକାରିଣୀଙ୍କ ଅଭିଯୋଗକୁ ଏତଲା ଭାବେ ଗ୍ରହଣ କରାଯାଇନି କିନ୍ତୁ ଷ୍ଟେସନ୍ ଡାଏରୀ ଆଧାରରେ ତଦନ୍ତ କରାଯାଉଛି। ଏଥିରେ ଆବେଦନକାରିଣୀଙ୍କ ଆଇନଜୀବୀ ଅଭିଯୋଗ କରିଥିଲେ ଯେ, ଏକ ଯୁଗ୍ମ ସମ୍ପତ୍ତି ଉପରେ ଆବେଦନକାରିଣୀଙ୍କ ଭାଗ ଥିଲାବେଳେ ସେହି ସମ୍ପତ୍ତିକୁ ଜଣେ ପୁଲିସ ଅଧିକାରୀ କିଣିବା ପାଇଁ ଆଗ୍ରହୀ ଅଛନ୍ତି। ଏହି ଆଳରେ ଆବେଦନକାରିଣୀଙ୍କୁ ଥାନାକୁ ଡାକି ମାନସିକ ନିର୍ଯାତନା ଦିଆଯାଉଛି। ପୁଲିସର ଏଭଳି ମାନସିକତାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହେବା ସହ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟାଙ୍କ ଦ୍ୱାରା କିଟ୍‌ରେ ମିନତି ମହାପାତ୍ର ସାଇକଲ ଭେଲୋଡ୍ରୋମ୍ ଉଦ୍‌ଘାଟିତ

# ଭାରତର ପ୍ରଥମ ଅନ୍ତର୍ଜାତୀୟ କଂକ୍ରିଟ୍ ଭେଲୋଡ୍ରୋମ୍

**ଭୁବନେଶ୍ୱର, ୮।୧ ନ୍ୟୁଜ ବ୍ୟୁରୋ**

କିଟ୍‌ରେ ଭାରତର ପ୍ରଥମ ଅନ୍ତର୍ଜାତୀୟ ସ୍ତରର ସାଇକ୍ଲିଂ ଭେଲୋଡ୍ରୋମ୍ ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟାଙ୍କ ଦ୍ୱାରା ବୁଧବାର ଉଦ୍‌ଘାଟିତ ହୋଇ ଯାଇଛି। ଭାରତର ପ୍ରଥମ ମହିଳା ସାଇକ୍ଲିଷ୍ଟ ସାଇକ୍ଲିଂରେ ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା ସ୍ୱନାମଧନ୍ୟ ସାଇକ୍ଲିଷ୍ଟ ମିନତି ମହାପାତ୍ରଙ୍କ ନାମରେ ଏହି ଭେଲୋଡ୍ରୋମ ନାମିତ କରାଯାଇଛି। ୨୫୦ ମିଟର ବିଶିଷ୍ଟ ଏହି କଂକ୍ରିଟ୍ ଭେଲୋଡ୍ରୋମ ଭାରତର ପ୍ରଥମ ଅନ୍ତର୍ଜାତୀୟ ଭେଲୋଡ୍ରୋମ୍ ବୋଲି କୁହାଯାଉଛି। ଭେଲୋଡ୍ରୋମ୍‌କୁ




ଉଦ୍‌ଘାଟନ କରି କେନ୍ଦ୍ର ମନ୍ତ୍ରୀ ଡ. ମାଣ୍ଡବ୍ୟ କହିଲେ, ମୁଁ କିଟ୍ ଓ କିସ୍ ପରିଦର୍ଶନ କରିବା ପରେ ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ସାକାର ହୋଇଥିବା ଦେଖିବାକୁ ପାଉଛି। ଚାଣକ୍ୟଙ୍କ ଉକ୍ତିର ଉଦାହରଣ ଦେଇ ସେ ଦେଶର ଭବିଷ୍ୟତ ଗଠନରେ ଶିକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ହେଉଛନ୍ତି ଏ ଦେଶର ଭବିଷ୍ୟତ। ଦେଶର ଏହି ଭବିଷ୍ୟତମାନଙ୍କୁ ଗଢ଼ିବାରେ ଡ. ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ଦକ୍ଷ ଓ ନିଷ୍ଠାପର ଶିକ୍ଷାବିତ୍‌ଙ୍କ କାର୍ଯ୍ୟଧାରାରେ ଆନନ୍ଦିତ ବୋଲି ସେ କହିଥିଲେ। ଡ. ସାମନ୍ତ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ ଧ୍ୟାନ ଦେଉଛନ୍ତି। ସେମାନଙ୍କୁ ଦେଶର ଜଣେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଏଠାରେ ଗଢ଼ି ତୋଳାଯାଉଛି। ମୁଁ ଯେଉଁଠିକୁ ବି ଯିବି ସେଠାରେ କିସ୍‌ରେ ଯେଉଁ ସବୁ କାର୍ଯ୍ୟଧାରା ଚାଲୁରହିଛି ଓ କିସ୍‌ର ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଜ୍ଞାନ ସମ୍ପର୍କରେ ନିଶ୍ଚିତ ଭାବେ କହିବି। ସ୍ୱାଗତ ଭାଷଣ ଦେଇ ଡ. ସାମନ୍ତ କହିଲେ, କିଟ୍ ଓ କିସ୍ ସବୁବେଳେ ଶିକ୍ଷା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। ଏଠାରେ ଗୋଟିଏ ସ୍ଥାନରେ ଥିବା କ୍ରୀଡ଼ା ଭିତ୍ତିଭୂମି ଦେଶର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନଥାଏ। ଭବିଷ୍ୟତରେ କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମିକୁ ଦ୍ୱିଗୁଣିତ କରାଯିବ ବୋଲି ସେ କହିଥିଲେ। ସାଇକ୍ଲିଷ୍ଟ ମିନତି ମହାପାତ୍ର କହିଲେ, ମୋତେ ଏଭଳି ଭାବେ ସମ୍ମାନୀତ କରାଯାଇ ଥିବାରୁ ମୁଁ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଉଛି। ଡ. ସାମନ୍ତ ସବୁବେଳେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ମହାସଚିବ ମନିନ୍ଦର ପାଲ ସିଂହ, ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍‌ର ସମ୍ପାଦକ ପ୍ରସନ୍ନ କୁମାର ରାଉତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମାଣ୍ଡବ୍ୟ ଦୀର୍ଘ ୨ ଘଣ୍ଟା ଧରି କିଟ୍ ଓ କିସ୍‌ର ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ଦେଖିବା ସହ କ୍ରୀଡ଼ାବିତ୍‌ଙ୍କ ସହ ଭାବ ବିନିମୟ କରିଥିଲେ।

# ରାଜ୍ୟରେ ବାର୍ଡ-ଫ୍ଲୁ ଭୟ : ଜନସ୍ୱାସ୍ଥ୍ୟ ବିଭାଗର ସ୍ଥିତି ସମୀକ୍ଷା

**ଭୁବନେଶ୍ୱର, ୦୮/୦୧ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପୁଣିଥରେ ଘାରିଛି ବାର୍ଡ-ଫ୍ଲୁ ଭୟ। ସୋମବାର ପୁରୀ ଜିଲ୍ଲାର କୃଷ୍ଣପ୍ରସାଦରେ କାଉ ଓ କୁକୁଡା ମଡ଼କ ପରେ ସ୍ଥାନୀୟ ଅଞ୍ଚଳରେ ଏହି ଚର୍ଚ୍ଚା ହୋଇଥିଲା। ହେଲେ ବାସ୍ତବରେ ଏହା ବାର୍ଡ-ଫ୍ଲୁ କି ଆଉ କ'ଣ ତାହା ଜଣାପଡ଼ିନଥିଲା। କେବଳ ସେତିକି ନୁହେଁ, ବର୍ତ୍ତମାନ ଚିଲିକାକୁ ପ୍ରବାସୀ ପକ୍ଷୀମାନଙ୍କ ଆଗମନ ହୋଇଛି । ତେଣୁ ବାର୍ଡ-ଫ୍ଲୁ ଏକ ବଡ଼ ରୂପ ନେବ ବୋଲି ଆଶଙ୍କା ଦେଖା ଦେଇଥିଲା । ଖବର ଜଣାପଡିବା ପରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଏଦିଗରେ ତତ୍ପରତା ଦେଖାଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ସ୍ଥିତି ଯାଞ୍ଚ କରାଯାଇଥିଲା। ହେଲେ କୁକୁଡାଙ୍କୁ ବାର୍ଡ-ଫ୍ଲୁ ହେବା ନେଇ କୌଣସି ଲକ୍ଷଣ ଦେଖିବାକୁ ମିଳିନି। ତେଣୁ ଏହା ମିଛ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର କହିଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ପୁରୀରେ ବାର୍ଡ-ଫ୍ଲୁ (ଏଚ୫ଏନ୧) ଦେଖିବାକୁ ମିଳିଥିଲା। ପିପିଲି ଓ ପରେ ଡେଲାଙ୍ଗ ଅଞ୍ଚଳରେ ଥିବା କୁକୁଡା ଫାର୍ମରେ ଏହି ରୋଗ ଚିହ୍ନଟ ହୋଇଥିଲା। କେନ୍ଦ୍ରାପଡାର ଡେରାବିଶରେ ମଧ୍ୟ ବାର୍ଡ-ଫ୍ଲୁ ବ୍ୟାପିଥିବା ଚର୍ଚ୍ଚା ହୋଇଥିଲା। ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ରୋଗାକ୍ରାନ୍ତ ପକ୍ଷୀଙ୍କ ନମୁନା ସଂଗ୍ରହ କରାଯାଇ ଭୋପାଳରେ ଥିବା ପରୀକ୍ଷାଗାରକୁ ପଠାଯାଇ ଥିଲା। ଏପଟେ ପୁରୀ ସମେତ ଭୁବନେଶ୍ୱର, କଟକ, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲାରେ ଚିକେନ ବେପାର ପ୍ରଭାବିତ ହୋଇଥିଲା। ୬ମାସ ପରେ ପୁଣି ବାର୍ଡ-ଫ୍ଲୁ ଫେରିଥିବା ଆଶଙ୍କା ଦେଖାଦେଇଛି। ଏହା ମଧ୍ୟରେ ଚିଲିକାକୁ ମଧ୍ୟ ପ୍ରବାସୀ ପକ୍ଷୀଙ୍କର ଆଗମନ ହୋଇଛି। ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ପକ୍ଷରୁ ଚିଲିକା ବିହଙ୍ଗ ମହୋତ୍ସବ ମଧ୍ୟ ଆରମ୍ଭ ହୋଇଛି। ସେହିପରି ପ୍ରବାସୀ ଭାରତୀୟ ଦିବସ ଥିବାରୁ ଚିଲିକାକୁ ପ୍ରବାସୀମାନେ ଯିବେ। ଏଭଳି ସମୟରେ ବାର୍ଡ-ଫ୍ଲୁ ମୁଣ୍ଡ ଟେକିବା ସରକାରଙ୍କ ଚିନ୍ତା ବଢ଼ାଇଛି । ହେଲେ ବାର୍ଡ-ଫ୍ଲୁ ଭୟ ନଥିବା ଜନସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଡା. ମିଶ୍ର କହିଛନ୍ତି, ସ୍ଥାନୀୟ ଭେଟେରନାରୀ ଓ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ଏବେବି ଆମେ ଏଦିଗରେ ସଜାଗ ଅଛୁ। ସେପଟେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ବରିଷ୍ଠ କୁକ୍କୁଟ ବିଶେଷଜ୍ଞ ଡ. ସୁଶାନ୍ତ ଦାସ କହିଛନ୍ତି, ଶୀତଦିନରେ ବାର୍ଡ-ଫ୍ଲୁ ବ୍ୟାପିଥାଏ। ଏହି ସମୟରେ ଭୂତାଣୁ ସକ୍ରିୟ ରୁହେ। ଏବେ ପ୍ରବାସୀ ପକ୍ଷୀମାନେ ଚିଲିକାକୁ ଆସୁଛନ୍ତି। ତେଣୁ ତାଙ୍କ ଦ୍ୱାରା ଏହି ରୋଗ ବ୍ୟାପିବାର ଆଶଙ୍କା ଥାଏ। ନିଖିଳ ଓଡ଼ିଶା ଆମିଷ ବ୍ୟବସାୟୀ ମହାସଂଘର ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ବାର୍ଡ-ଫ୍ଲୁ ହେବାନେଇ କୌଣସି ଖବର ଆସିନି। ସରକାର ମଧ୍ୟ ଗାଇଡଲାଇନ୍ ଆଣିନାହାନ୍ତି। ତେଣୁ ଚିକେନ୍ ବେପାର ବନ୍ଦ କରାଯିବନି।

# ପର୍ଯ୍ୟଟନ ଓ ନିବେଶ ଦୃଷ୍ଟିରୁ ଓଡ଼ିଶା ନିବେଶକଙ୍କ ପାଇଁ ଅତ୍ୟନ୍ତ ଅନୁକୂଳ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**

ପୂର୍ବ ଭାରତର ପ୍ରବେଶ ପଥ ଭାବେ ପରିଚିତ ଓଡ଼ିଶା ପ୍ରାକୃତିକ ସମ୍ପଦର ଗନ୍ତାଘର। ୪୮୦ କିଲୋମିଟର ବିସ୍ତୀର୍ଣ୍ଣ ବେଳାଭୂମି, ପରିବ୍ୟାପ୍ତ ନଦୀ, ପରିପୂର୍ଣ୍ଣ ଖଣିଜ ସମ୍ପଦ, ହଜାର ହଜାର ଏକର ଅରଣ୍ୟ ହେଉଛି ଓଡ଼ିଶାର ଶକ୍ତି। ଏଥିସହ ଏଠାରେ କୁଶଳୀ ଓ ଦକ୍ଷ ମାନବ ସମ୍ବଳ ଉପଲବ୍ଧ। ଏସବୁକୁ ଦେଖିଲେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ପର୍ଯ୍ୟଟନ ଓ ନିବେଶ ଦୃଷ୍ଟିରୁ ନିବେଶକଙ୍କ ପାଇଁ ଅତ୍ୟନ୍ତ ଅନୁକୂଳ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରବାସୀ ଭାରତୀୟ ଦିବସରେ ଅନୁଷ୍ଠିତ 'ଅପାର ସମ୍ଭାବନାର ଭୂମି ଆମ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ କରିଥିଲେ। କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହିତ ଦେଶ ବିଦେଶ ସହ ବିମାନ ସଂଯୋଗୀକରଣକୁ ଅଧିକ ଉନ୍ନତ କରିପାରିଲେ ଓଡ଼ିଶାର ଅର୍ଥନୀତି ସୁଦୃଢ ହୋଇପାରିବ ବୋଲି ଶ୍ରୀ ସିଂହଦେଓ କହିଥିଲେ। ଐତିହ୍ୟ ପର୍ଯ୍ୟଟନ ଓ ବନ୍ୟପ୍ରାଣୀ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେବା ସହ ବୌଦ୍ଧ ପର୍ଯ୍ୟଟନସ୍ଥଳୀ



ଗୁଡ଼ିକୁ ବିକଶିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ ଦିଗରେ ଥିବା ବିଭିନ୍ନ ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ଅଧିକ ବନ୍ଦର, ବିମାନ ବନ୍ଦର, ଭିତ୍ତିଭୂମିର ବିକାଶ, ଶିଳ୍ପ ଅଭିବୃଦ୍ଧି, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଙ୍ଗକୁ ସାମାଜିକ-ଅର୍ଥନୈତିକ ସମାନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ନିମ୍ନ ଆୟକାରୀ ରାଜ୍ୟ ବର୍ଗରୁ ଉନ୍ନୀତ ହୋଇ ମଧ୍ୟମ ବର୍ଗରେ ଅନ୍ତର୍ଭୁକ୍ତ ହୋଇଥିବା ଦର୍ଶାଇ ସେ ଆଗାମୀ ଦିନରେ ରାଜ୍ୟକୁ ଉଚ୍ଚ ଆୟକାରୀ ରାଜ୍ୟ ବର୍ଗରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ।

# ପୂର୍ବତନ ବିଧାୟକ ସଦନ ନାୟକଙ୍କ ପରଲୋକ

**ଭୁବନେଶ୍ୱର, ୮/୧**
**ନ୍ୟୁଜ ବ୍ୟୁରୋ**

ପରଲୋକରେ କୋଟପାଡ଼ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ସଦନ ନାୟକ । ସେ ୧୯୯୦ ମସିହାରେ ଜନତା ଦଳରୁ ବିଧାୟକ ହୋଇଥିଲେ। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଜଗଦଲପୁର ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ନିଜ ବାସଭବନ ଚିତାଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ମୁଖ୍ୟମନ୍ତ୍ରୀଙ୍କ ଶୋକ

କୋଟପାଡ଼ର ପୂର୍ବତନ ବିଧାୟକ ସଦନ ନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱର୍ଗତ ନାୟକ ଜଣେ ଦକ୍ଷ ସଂଗଠକ, ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ଭାବେ କୋରାପୁଟ ଜିଲ୍ଲାରେ ଲୋକପ୍ରିୟତା ଅର୍ଜନ କରିଥିଲେ । ୧୯୯୦ରୁ ୯୫ ପର୍ଯ୍ୟନ୍ତ କୋଟପାଡ଼ର ବିଧାୟକ ଭାବେ ନିର୍ବାଚିତ ହୋଇ ନିର୍ବାଚନ ମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଗମନାଗମନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଥିଲେ । ଅଞ୍ଚଳର ବିକାଶ ପାଇଁ ତାଙ୍କ ଯୋଗଦାନ ତାଙ୍କୁ ସବୁଦିନ ପାଇଁ ସ୍ମରଣୀୟ କରି ରଖିବ । ତାଙ୍କ ବିୟୋଗରେ କୋରାପୁଟ ଜିଲ୍ଲା ରାଜନୀତି କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା । ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ଶ୍ରୀଲଙ୍କା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୮/୧**

ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀଲଙ୍କା ଗସ୍ତ କରିବେ। ଏନେଇ କଲମ୍ବୋରେ ଥିବା ଭାରତୀୟ ଉଚ୍ଚ ଆୟୋଗ ଏହି ସୂଚନା ପ୍ରଦାନ କରିଛନ୍ତି। ତେବେ ଏନେଇ ଏଯାଏ ତାରିଖ ସ୍ଥିର ହୋଇନଥିବା ସୂଚନା ଦେଇଛନ୍ତି ହାଇ କମିଶନର। ଶ୍ରୀଲଙ୍କାରେ ଥିବା ଭାରତୀୟ ହାଇ କମିଶନର ସାନ୍ତୋଷ ଝା ଏହି ସୂଚନା ଦେଇ କହିଛନ୍ତି, ପିଏମ ବହୁ ଜଲ୍‌ଦି ଶ୍ରୀଲଙ୍କା ଗସ୍ତରେ ଆସୁଛନ୍ତି। ତେବେ ଏହି ଗସ୍ତ ପାଇଁ ଶ୍ରୀଲଙ୍କା ସରକାର ବହୁ ଉତ୍ସାହିତ ଅଛନ୍ତି। ପିଏମ ଶ୍ରୀଲଙ୍କା ଆସିବା ପାଇଁ ଉଭୟ ପକ୍ଷ ଏକ ସୁବିଧାଜନକ ସମୟ ସ୍ଥିର କରିବା ପ୍ରକ୍ରିୟାରେ ଅଛନ୍ତି ବୋଲି କହିଛନ୍ତି। ଖବର ମୁତାବକ ଗତବର୍ଷ ଡିସେମ୍ବର ମାସ ମଧ୍ୟଭାଗରେ ଶ୍ରୀଲଙ୍କାର ରାଷ୍ଟ୍ରପତି ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ। ଏହି ଗସ୍ତ ଅବସରରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକ ଶ୍ରୀ ମୋଦିଙ୍କୁ



ଶ୍ରୀଲଙ୍କା ଗସ୍ତ ପାଇଁ ନିମନ୍ତ୍ରଣ ଦେଇଥିଲେ। ସେପ୍ଟେମ୍ବର ମାସରେ ରାଷ୍ଟ୍ରପତି ନିର୍ବାଚନରେ ନିର୍ବାଚିତ ହେବା ପରେ ଅନୁରା କୁମାରଙ୍କର ଏହା ପ୍ରଥମ ନୂଆଦିଲ୍ଲୀ ଗସ୍ତ ଥିଲା। ତେବେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୨୦୧୫ ରୁ ୨୦୧୭ ମଧ୍ୟରେ ଦୁଇଥର ଶ୍ରୀଲଙ୍କା ଗସ୍ତ କରିଥିଲେ।

# ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପ୍ରବାସୀ ଭାରତୀୟ




**ଭୁବନେଶ୍ୱର ୮।୧ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩ ଦିନ ବୁଲିବେ ପ୍ରବାସୀ ଭାରତୀୟ। ୮, ୯ ଓ ୧୦ ତାରିଖରେ ପ୍ରବାସୀ ଭାରତୀୟ ବୁଲିବା ପାଇଁ ଟୁରିଜିମ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବୁଧବାର ପ୍ରବାସୀମାନେ ପୂର୍ବାହ୍ନରେ ପ୍ରାଣୀ ଉଦ୍ୟାନ ମଧ୍ୟରେ ବୁଲିଛନ୍ତି। ଭିତରକୁ ପ୍ରବେଶ ପାଇଁ ସ୍ୱତନ୍ତ୍ର ପ୍ରବେଶ ଦ୍ୱାର ରହିଛି। ଜୀବଜନ୍ତୁମାନଙ୍କୁ ଦେଖିବା ପାଇଁ ଏକ ନିର୍ଦ୍ଦିଷ୍ଟ ରୁଟ୍ କରାଯାଇଛି। ବୁଲିବା ପାଇଁ ବ୍ୟାଟେରୀ ଗାଡ଼ି, ଶୌଚାଳୟ, ପିଇବା ପାଣି, ବୁଲାଇବା ପାଇଁ ଗାଇଡ଼ଙ୍କ ସମେତ ସୁରକ୍ଷା ପାଇଁ ୧୨ଜଣ ପୋଲିସ ରହିଛନ୍ତି। ସୋଭନିୟର୍ସରେ ଓଡ଼ିଶାର ସାମଗ୍ରୀ କିଣିବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି । ପ୍ରବାସୀ ଭାରତୀୟଙ୍କ ପାଇଁ ଟୁରିଜିମ୍ ତରଫରୁ ଏକ ହେଲ୍ପ ଡ଼େସ୍କ କରାଯାଇଛି। ଯେଉଁଥିରେ ଜଣେ ଓଏଏସ୍ ଅଫିସର, ୪ ଜଣ ଆଇଆଇଟିଏମ୍‌ର ମେମ୍ବର ଓ ନନ୍ଦନକାନନ ପକ୍ଷରୁ ପର୍ଯ୍ୟଟକ ଏସିଏଫ ମନସ୍ମିତା ମହାରଣା ରହିଛନ୍ତି।

# ନୂଆ ବର୍ଷରେ ମହଙ୍ଗା ମାଡ଼ : ୨୦% ବଢ଼ିଲା ଅତ୍ୟାବଶ୍ୟକ ସାମଗ୍ରୀ ଦର

**ନୂଆଦିଲ୍ଲୀ ୦୮/୦୧**

ଖାଇବା ତେଲ, ସାବୁନ, ଚା', କଫି, ଚକୋଲେଟ ଏବଂ ବିସ୍କୁଟ ଭଳି ଏଫ୍ଏମ୍‌ସିଜି ସାମଗ୍ରୀ ଦର ୬ ମାସରେ ୨୦% ବୃଦ୍ଧି ହେଲାଣି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରରେ ଏଭଳି ବୃଦ୍ଧି ଯୋଗୁ ଖାଉଟିଙ୍କ ସମସ୍ୟା ବଢ଼ିଛି । ଜାନୁଆରୀ-ମାର୍ଚ୍ଚ ଅବଧିରେ ଏହାର ଦର ୩୦% ଯାଏ ବୃଦ୍ଧି ହୋଇପାରେ ବୋଲି ଆଶଙ୍କା କରାଯାଇଛି । ଏପ୍ରିଲ ୨୦୨୪ ପରଠୁ ଏବେ ଯାଏ ପାମ୍ ଅଏଲ, ନଡିଆ ତେଲ, ଚା, କଫି, କୋଲା ଭଳି ସାମଗ୍ରୀର କଞ୍ଚାମାଲ ଦର ୩୫-୧୭୫% ଯାଏ ବୃଦ୍ଧି ହୋଇଛି। କ୍ଷତି ଭରଣା କରିବା ଲାଗି କମ୍ପାନିଗୁଡ଼ିକ ଏବେ ମୂଲ୍ୟରେ ବୃଦ୍ଧି କରୁଥିବା କୁହାଯାଉଛି। ନୁବାମା ଇନଷ୍ଟିଚ୍ୟୁସନାଲ ଇକ୍ୱିଟର ଏକ ରିପୋର୍ଟ ମୁତାବକ, ଜାନୁଆରୀ ମାର୍ଚ୍ଚରେ ଆଉ କିଛି କମ୍ପାନି ଏଫ୍ଏମ୍‌ସିଜି ସାମଗ୍ରୀ ଦର ବଢ଼ାଇବେ। ଗତ ୩ ମାସରେ




ଅତ୍ୟାବଶ୍ୟକ ସାମଗ୍ରୀ ଦର ୧୦%ରୁ ଊର୍ଦ୍ଧ୍ୱ ମହଙ୍ଗା ହେଲାଣି । ସାବୁନ, ସ୍ନାକ୍ସ ଏବଂ ଚା' ଭଳି ବର୍ଗରେ କମ୍ପାନିଗୁଡ଼ିକୁ ମାର୍ଜିନ ବଢ଼ାଇବା ମୁସ୍କିଲ ହୋଇପଡିଛି। ପାମ୍ ଅଏଲ ଏବଂ ଚା' ଭଳି ସାମଗ୍ରୀ ଦର ବଢ଼ିବା ଯୋଗୁ କମ୍ପାନିଗୁଡିକର ଉତ୍ପାଦନ ଖର୍ଚ୍ଚ ବଢ଼ିଛି । କମ୍ପାନିଗୁଡିକ କହିବା କଥା ହେଲା ଖର୍ଚ୍ଚକୁ ଭରଣା କରିବା କଷ୍ଟକର ହେଉଛି। କାରଣ ନିର୍ଦ୍ଦିଷ୍ଟ ସୀମା ଯାଏ କମ୍ପାନି ଦାମ ବଢ଼ାଇପାରିବେ। ଅଧିକ ଦର ବଢ଼ାଇଲେ ଏହା ସେମାନଙ୍କ ବିକ୍ରି ଓ ଖାଉଟି ଚାହିଦା ଉପରେ ମଧ୍ୟ ପ୍ରଭାବ ପକାଇବ। ଏଭଳି ସ୍ଥିତିରେ ଜାନୁଆରୀ-ମାର୍ଚ୍ଚରେ କିଛି କମ୍ପାନିର ଆୟ ୫% ଯାଏ ବଢ଼ିପାରେ। ରାଜସ୍ୱରେ ଏଭଳି ବୃଦ୍ଧି ବିକ୍ରି ବଢ଼ିବା ଯୋଗୁ ନୁହେଁ ବରଂ ସାମଗ୍ରୀ ଦର ବଢ଼ିବା ଯୋଗୁ ଆସିପାରେ। ଜାପାନର ବ୍ରୋକରେଜ ଫାର୍ମ ନୋମୁରା ମୁତାବକ, ଗତ ୬ ମାସରେ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ୍‌ର ଖାଇବା ତେଲ ଦର ସର୍ବାଧିକ ୨୦% ବଢ଼ିଛି। ଅକ୍ଟୋବର ଡିସେମ୍ବର ଅବଧିରେ ମଧ୍ୟ କିଛି କମ୍ପାନି ସାମଗ୍ରୀ ଦର ବଢ଼ାଇବା ନେଇ ଆଶଙ୍କା କରାଯାଉଛି। ରିପୋର୍ଟ ମୁତାବକ, ଚା' ଦରରେ ୨୫ରୁ ୩୦% ବୃଦ୍ଧି ହୋଇପାରେ। ଅକ୍ଟୋବର ଡିସେମ୍ବର ଅବଧିରେ କମ୍ପାନିଗୁଡିକ ମଧ୍ୟ ଦର ବଢ଼ାଇଥିଲେ। ଏହି ଅବଧିରେ ଚକୋଲେଟ ଦର ୪.୯% ବୃଦ୍ଧି ହୋଇଥିଲା। ନୁବାମା ରିସର୍ଚ୍ଚ ମୁତାବକ, ହିନ୍ଦୁସ୍ତାନ ୟୁନିଲିଭର ଏବଂ ଗୋଦରେଜ ଭଳି କମ୍ପାନି ପର୍ଯ୍ୟାୟ ଭିତ୍ତିରେ ୧୦% ଯାଏ ଦର ବୃଦ୍ଧି କରିଛନ୍ତି। ଅକ୍ଟୋବର ଡିସେମ୍ବରରେ ମଧ୍ୟ ଏହି କମ୍ପାନିଗୁଡିକ ଯଥାକ୍ରମେ ୨% ଏବଂ ୪% ଦରବୃଦ୍ଧି କରିପାରନ୍ତି।

**ବଜାରରେ ଉପଲବ୍ଧ...**

**ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ନୂଆବର୍ଷ ସଂଖ୍ୟା-୨୦୨୫**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ସଚ୍ଚିଦାନନ୍ଦ କର
**ସମକାଳର କଥା :** ସୁଷମା ପରିଜା, ବୀରେଶ୍ୱର ମହାନ୍ତି, ରଞ୍ଜନ ପ୍ରଧାନ, ପ୍ରଣିତାରାଣୀ ବେହେରା।
**ଅନ୍ୟ ଭାଷାର କଥା :** ଅନୁରୂପା ସିଂହ
**ଯୁବ ମାନସର କଥା :** ରଜତରଶ୍ମୀ ସ୍ୱାଇଁ, ଲିପ୍‌ସା ପଟେଲ, ସୁସ୍ମିତା ମିଶ୍ର, ଲଳିତ କୁମାର ସ୍ୱାଇଁ, ମୋନାଲିସା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)